

ମନୁଷ୍ୟ ଯେତେବେଳେ ସଦ୍‌ଗୁଣଗୁଡ଼ିକ ହରାଇ ଦେଉଥାଏ, ସେତିକିବେଳେ ତା'ର ଧନ ପ୍ରତି ଲୋଭ ବଢ଼ିଯାଉଥାଏ।
- ବେନ୍ ଜନ୍‌ଶନ୍

# ମଣ୍ଡପରେ ବିରାଜିବେ ଧନଦାତ୍ରୀ

## ଆଜି ଗଜଲକ୍ଷ୍ମୀ ପୂଜା

ଭୁବନେଶ୍ୱର,୨୩।୧୦(ବ୍ୟୁରୋ)



ମା' ଦୁର୍ଗତିନାଶିନୀଙ୍କ ବିଦାୟ ପରେ ଧରାବତରଣ କରିବାକୁ ଯାଉଛନ୍ତି ଧନଦାତ୍ରୀ ମା' ଲକ୍ଷ୍ମୀ। ମା' ଦୁର୍ଗାଙ୍କ ପରେ ମା' ଗଜଲକ୍ଷ୍ମୀଙ୍କୁ ସ୍ୱାଗତ କରିବାକୁ ସବୁଠାରେ ଚାଲିଛି ପ୍ରସ୍ତୁତି। ପୂଜାମଣ୍ଡପରେ ଶିଳ୍ପୀମାନେ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେଇସାରିଥିବା ବେଳେ ସହରରେ ଶୋଭାପାଉଛି ଆକର୍ଷଣୀୟ ତୋରଣ। ଗଜଲକ୍ଷ୍ମୀ ପୂଜାକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ରାଜଧାନୀରେ କରାଯାଇଛି ବ୍ୟାପକ ପ୍ରସ୍ତୁତି। କେଉଁ ମଣ୍ଡପରେ ତୋରଣ ଆକର୍ଷଣ ସାଜୁଛି ତ କେଉଁଠି ମୂର୍ତ୍ତି ଓ ସାଜସଜ୍ଜାକୁ ଅଧିକ ଗୁରୁତ୍ୱ ଦିଆଯାଇଛି।

ଭୁବନେଶ୍ୱରର ଅନ୍ୟତମ ପ୍ରମୁଖ ଗଜଲକ୍ଷ୍ମୀ ପୂଜାମଣ୍ଡପ ଭାବେ ପରିଚିତ ଲକ୍ଷ୍ମୀସାଗର ଗଜଲକ୍ଷ୍ମୀ ପୂଜା ସମିତି ଚଳିତବର୍ଷ ୨୮ ବର୍ଷରେ ପଦାର୍ପଣ କରିଛି। ଗତବର୍ଷ ଦ୍ୱାରକା ରାଜପ୍ରାସାଦ ସଦୃଶ ବିଶାଳ ତୋରଣ କରି ଚର୍ଚ୍ଚାରେ ରହିଥିବା ଏହି କମିଟି ଏଥର କୋଲକାତାର ବେଲୁର୍ ମଠ ଆକୃତିର ତୋରଣ ପ୍ରସ୍ତୁତ କରିଛି। ୭ଦିନ ଧରି ଏଠାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଥିବାବେଳେ ଏବର୍ଷ ଭିନ୍ନ ଶୈଳୀରେ ଆଲୋକ ସଜାଯିବାକୁ ନିଷ୍ପତ୍ତି ହୋଇଛି। ଗତବର୍ଷ ଭଳି ଏଥର ମଧ୍ୟ ପୂଜା ସମିତି ପ୍ରାୟ ୧୦ଲକ୍ଷ ଟଙ୍କାର ବଜେଟ କରିଛି। ସେହିପରି ୟୁନିଟ୍‌-୯ ଭୁବନେଶ୍ୱର ଫ୍ରେଣ୍ଡସ କ୍ଲବ ପକ୍ଷରୁ ଆୟୋଜିତ ହେଉଥିବା ଗଜଲକ୍ଷ୍ମୀ ପୂଜାରେ ମା' ସୁନା ଓ ରୁପା ଅଳଙ୍କାରରେ ଭୂଷିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ୧୦ ଦିନ ଧରି ଚାଲିବାକୁ ଥିବା ଏହି ପୂଜାରେ ରାଜସ୍ଥାନ ପ୍ୟାଲେସ୍ ଆକୃତିର କାଳ୍ପନିକ ତୋରଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆକର୍ଷଣ ସାଜିବ। ୩୮ କେଜି ରୁପାରେ ମୁକୁଟ ସହ ରୁପାର ବିଭିନ୍ନ ଅଳଙ୍କାର, ସୁନା କାନଫୁଲ ଆଦିରେ ସଜ୍ଜିତ ହୋଇ ମା' ବିରାଜମାନ କରିବେ। ଚଳିତବର୍ଷ ସୁନାଥାଳିରେ ମା'ଙ୍କୁ ଭୋଗ ଅର୍ପଣ କରାଯିବ। ଆଧୁନିକ ନୃତ୍ୟ ସହ ଭଜନ ସନ୍ଧ୍ୟା, ମେଲୋଡି ଏଠାକାର ଅନ୍ୟତମ ଆକର୍ଷଣ ରହିବ।

ସେହିଭଳି ୟୁନିଟ୍‌-୯ ଗଜଲକ୍ଷ୍ମୀ ସାଂସ୍କୃତିକ ସଂଘ ପକ୍ଷରୁ ଚଳିତବର୍ଷ ପୂଜା ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ତୋରଣ ଓ ସାଜସଜ୍ଜାକୁ ଅଧିକ ଗୁରୁତ୍ୱ ଦିଆଯାଇଥିବାବେଳେ ରାଜ ଉଆସ ଆକୃତିର ତୋରଣ ଏଠାରେ ନିର୍ମାଣ କରାଯାଇଛି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ସପ୍ତାହ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ପୂଜାମଣ୍ଡପ ପରିସରରେ ମେଳାର ଆୟୋଜନ କରାଯାଇଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ବ୍ୟବସ୍ଥାକୁ ଏଥର ଗୁରୁତ୍ୱ ଦେଇଛି ଏହି ମଣ୍ଡପ। ସେପଟେ ବାପୁଜୀ ନଗର ୟୁଥ୍ ଆସୋସିଏଶନ ପକ୍ଷରୁ ଏଥର ଗଜଲକ୍ଷ୍ମୀ ପୂଜା ୫୩ବର୍ଷରେ ପଦାର୍ପଣ କରିଛି। ଏଠାରେ ୮ଟି ମନ୍ଦିରରେ ମା'ଙ୍କ ୮ଟି ମୃଣ୍ମୟୀ ମୂର୍ତ୍ତି ପୂଜା ପାଇବ, ଯାହାକି ଏଠାକାର ମୁଖ୍ୟ ଆକର୍ଷଣ ରହିବ। ଆଇସ୍‌କ୍ରିମ କାଠିରେ ତୋରଣ ନିର୍ମାଣ କରାଯାଇଥିବା ବେଳେ ମା' ସୁନା ଓ ରୁପା ଅଳଙ୍କାରରେ ଝଲସିବେ। ଚଳିତବର୍ଷ ଆସୋସିଏଶନ ପକ୍ଷରୁ ୧୨ଲକ୍ଷ ଟଙ୍କାର ବଜେଟ କରାଯାଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୃଷ୍ଟିହୀନ ପିଲାଙ୍କ ଦ୍ୱାରା ଆୟୋଜନ ହେବାକୁ ଥିବା ଭଜନ ସମାରୋହ ଆକର୍ଷଣ ସାଜିବ। ଏହାବ୍ୟତୀତ ପୁରୁଣା ଷ୍ଟେଶନ ବାଜର, ବୀର ସୁରେନ୍ଦ୍ର ସାଏ ନଗର, ୟୁନିଟ୍‌-୮ସ୍ଥିତ ଗୋପବନ୍ଧୁ ସ୍ମୃତି ସଂସଦ, ବରମୁଣ୍ଡା, ଶିରିପୁର, ୟୁନିଟ୍‌-୬, ଅଶୋକ ନଗର, ଚନ୍ଦ୍ରଶେଖରପୁର, ନୟାପଲ୍ଲୀ, ସିଆର୍‌ପି, ମଞ୍ଚେଶ୍ୱର, ଚକେଇସିହାଣି, ରସୁଲଗଡ଼, ପୁରୁଣା ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ୫୦ରୁ ଅଧିକ ପୂଜାମଣ୍ଡପରେ ମା' ବିରାଜମାନ କରିବେ। ଅଧିକାଂଶ ପୂଜାମଣ୍ଡପରେ ଅପରାହ୍ନ ୩ଟାରୁ ୬ଟା ମଧ୍ୟରେ ଜଳଯାତ୍ରା ଓ କଳସ ଅଧିବାସ କରାଯିବା ପରେ ରାତି ୯ଟାରୁ ୧୨ଟା ମଧ୍ୟରେ ଚକ୍ଷୁଦାନ, ପ୍ରାଣପ୍ରତିଷ୍ଠା ଏବଂ ଷୋଡ଼ଶ ଉପଚାର ପୂଜା ନୀତି ଅନୁଷ୍ଠିତ ହେବ।



ଭାରତ ଆନ୍ତର୍ଜାତିକ ନୃତ୍ୟ ମହୋତ୍ସବର ମଙ୍ଗଳବାର ତୃତୀୟ ଦିବସରେ ନୃତ୍ୟ ସାଧନା ଏକାଡେମୀର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସରକାରଙ୍କ ହବିଷିଆଳି ଯୋଜନା

# ଉପକୃତ ହେଉଛନ୍ତି ଉପକୂଳବାସୀ

- ପଶ୍ଚିମ ଓଡ଼ିଶାକୁ ଛୁଇଁ ପାରୁନି
- ୭ ଜିଲାର ପଞ୍ଜୀକରଣ ଶୂନ

ପୁରୀ ଅଫିସ,୨୩।୧୦

ଧର୍ମ ମାସ କାର୍ତ୍ତିକ। କାର୍ତ୍ତିକ ବ୍ରତ ପାଳନ କରିବାକୁ ପ୍ରତିବର୍ଷ ପୁରୀକୁ ବହୁ ସଂଖ୍ୟାରେ ହବିଷିଆଳି ଆସିଥାନ୍ତି। ଧର୍ମଶାଳା, ମଠ, ମନ୍ଦିର ଆଦିରେ ମାସକ ଯାକ ରହି ମହାପ୍ରଭୁଙ୍କ ଦର୍ଶନ କରିବା ସହ ରାଧା ଦାମୋଦରଙ୍କୁ ପୂଜା କରିଥାନ୍ତି। ହେଲେ ପୁରୀରେ ରହି ବ୍ରତ ଧାରଣ କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇ ନ ଥାଏ। ଇଚ୍ଛା ଥିଲେ ବି ଆର୍ଥିକ ସ୍ଥିତି ସେମାନଙ୍କୁ ପଛକୁ ଟାଣେ। ଏହାକୁ ହୃଦୟଙ୍ଗମ କରି ସରକାର ୨୦୧୬ ମସିହାରୁ ଆରମ୍ଭ କରିଛନ୍ତି ହବିଷିଆଳି ଯୋଜନା। ସରକାରୀ ନିୟମ ମାନି ଏହି ଯୋଜନା ମାଧ୍ୟମରେ ଆସୁଥିବା ହବିଷିଆଳିଙ୍କ ରହିବା, ଖାଇବା ଏବଂ ଆବଶ୍ୟକ ବ୍ୟବସ୍ଥା ସରକାର କରିଥାନ୍ତି।

ଗତ ଦୁଇବର୍ଷ ଧରି ସଫଳତାର ସହ ଏହି ଯୋଜନା ଚାଲିଆସିଥିବା ବେଳେ ଚଳିତବର୍ଷ ପ୍ରାୟ ୨୩୦୦ରୁ ଊର୍ଦ୍ଧ୍ୱ ହବିଷିଆଳି ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ରହଣି ପାଇଁ ୪ଟି ସ୍ଥାନରେ ଆଶ୍ରୟସ୍ଥଳୀର ବ୍ୟବସ୍ଥା ହୋଇଛି। ତେବେ ଏହି ଯୋଜନାରେ ଆସୁଥିବା ହବିଷିଆଳିଙ୍କୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଯେ, ସରକାରଙ୍କ ଏହି ଯୋଜନା ପଶ୍ଚିମ ଓଡ଼ିଶାକୁ ଏତେଟା ଛୁଇଁ ପାରୁନାହିଁ। ଅର୍ଥାତ୍ ପଶ୍ଚିମ ଓଡ଼ିଶାର ହବିଷିଆଳି ବହୁ କମ୍ ସଂଖ୍ୟାରେ ଆସୁଥିବା ବେଳେ ଉପକୂଳବାସୀ ବିଶେଷ ଭାବେ ଏହି ଯୋଜନା ଦ୍ୱାରା ଉପକୃତ ହେଉଛନ୍ତି। ଅନ୍ୟପକ୍ଷରେ ଚଳିତବର୍ଷ ପଞ୍ଜୀକରଣ ଅବଧି ସରିଥିଲେ ମଧ୍ୟ ନବରଙ୍ଗପୁର, କଳାହାଣ୍ଡି, ମାଲକାନଗିରି, ଗଜପତି, ରାୟଗଡ଼ା, ବରଗଡ଼ ଓ ଦେବଗଡ଼ ଜିଲାରୁ କୌଣସି ହବିଷିଆଳି ନାମ ପଞ୍ଜୀକରଣ କରି ନାହାନ୍ତି।

ଗତ ବର୍ଷ ପ୍ରାୟ ୨୭୦୦ ହବିଷିଆଳି ଏହି ଯୋଜନା ମାଧ୍ୟମରେ ଆସି ପୁରୀରେ ରହି କାର୍ତ୍ତିକ ବ୍ରତ ପାଳନ କରିଥିଲେ। ଏମାନଙ୍କ ମଧ୍ୟରେ ପୁରୀ ଜିଲାର ସର୍ବାଧିକ ୮୪୦ ଜଣ ରହିଥିଲେ। ପୁରୀ ପରେ ଖୋର୍ଦ୍ଧା, ଗଞ୍ଜାମ, ନୟାଗଡ଼ ଜିଲାର ହବିଷିଆଳି ଅଧିକ ଆସିଥିଲେ। ଚଳିତବର୍ଷ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। ଉପକୂଳ ଜିଲାରୁ ଅଧିକ ହବିଷିଆଳି ନାମ ପଞ୍ଜୀକରଣ କରିଛନ୍ତି। ପୁରୀ ଜିଲାର ହବିଷିଆଳି ଏକ ତୃତୀୟାଂଶ ରହିଛନ୍ତି। ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୨୩୦୦ରୁ ଊର୍ଦ୍ଧ୍ୱ ହବିଷିଆଳି ନାମ ପଞ୍ଜୀକରଣ କରିଛନ୍ତି। ଏଥିମଧ୍ୟରେ ପୁରୀ ଜିଲାରୁ ସର୍ବାଧିକ ୮୬୧ ଜଣ ହବିଷିଆଳି ପଞ୍ଜୀକରଣ କରିଥିବା ବେଳେ ଖୋର୍ଦ୍ଧାରୁ ୬୦୬, ଗଞ୍ଜାମରୁ ୪୪୬, ନୟାଗଡ଼ ୧୨୩, ଯାଜପୁର ୪୧, ଭଦ୍ରକ ୪୦, କଟକ ଓ ଜଗତ୍‌ସିଂହପୁର ଜିଲାରୁ ୩୬ ଜଣ ଲେଖାଏ ହବିଷିଆଳି ପଞ୍ଜୀକରଣ କରିଛନ୍ତି। ବିଶେଷକରି ପଶ୍ଚିମ ଓଡ଼ିଶାରୁ ହାତ ଗଣତି ହବିଷିଆଳି ନାମ ପଞ୍ଜୀକରଣ କରିଥିବା ଜଣାପଡିଛି। ସେଥିମଧ୍ୟରେ ସୁନ୍ଦରଗଡ଼ ଓ ବଲାଙ୍ଗୀରରୁ ୩ ଜଣ ଲେଖାଏ, ଝାରସୁଗୁଡା, ସମ୍ବଲପୁର ଓ ସୋନପୁରରୁ ଜଣେ ଲେଖାଏ ନାମ ପଞ୍ଜୀକରଣ କରିଛନ୍ତି।

### ଆଶ୍ରୟସ୍ଥଳରେ ହବିଷିଆଳି

ନାମ ପଞ୍ଜୀକରଣ କରିଥିବା ହବିଷିଆଳି ୨୪ ତାରିଖ ଅପରାହ୍ନରୁ ଆଶ୍ରୟସ୍ଥଳରେ ରହିବେ ବୋଲି ପ୍ରଶାସନ ଘୋଷଣା କରିଛି। କିନ୍ତୁ ମଙ୍ଗଳବାର କିଛି ଆଶ୍ରୟସ୍ଥଳରେ ଆସି ହବିଷିଆଳି ପହଞ୍ଚିଥିବା ଦେଖିବାକୁ ମିଳିଛି। ଜଗନ୍ନାଥବଲ୍ଲଭ ପରିସର ଆଶ୍ରୟସ୍ଥଳରେ ଯାଜପୁର ଜିଲାର ଲକ୍ଷ୍ମୀପ୍ରିୟା ପାଣି, ପଦ୍ମାବତୀ ଦାଶ ପ୍ରମୁଖ ପହଞ୍ଚି ଆଶ୍ରୟ ନେଇଛନ୍ତି।



ଜଗନ୍ନାଥବଲ୍ଲଭ ଅସ୍ଥାୟୀ ଆଶ୍ରୟସ୍ଥଳରେ ହବିଷିଆଳିମାନେ।

### ଆଶ୍ରୟସ୍ଥଳ ବୁଲିଲେ ଜିଲାପାଳ

ଚଳିତବର୍ଷ ହବିଷିଆଳି ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ରେଲୱେ କଲ୍ୟାଣ ମଣ୍ଡପ, ମୋଚିସାହି ଛକସ୍ଥିତ ପୌର କଲ୍ୟାଣ ମଣ୍ଡପ ଏବଂ ଜଗନ୍ନାଥ ବଲ୍ଲଭ ପରିସରରେ ରହିବେ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ଆଶ୍ରୟସ୍ଥଳଗୁଡ଼ିକ ବୁଲି ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଛନ୍ତି। ହବିଷିଆଳିଙ୍କ ରହିବା ସ୍ଥାନ ଏବଂ ଶୌଚାଳୟଗୁଡ଼ିକ ନିୟମିତ ପରିଷ୍କାର ପରିଚ୍ଛନ୍ନ କରିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ଠିକ୍ ରଖିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହବିଷିଆଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ସୁରକ୍ଷା ପାଇଁ ଡାକ୍ତରୀ ଦଳ ଏବଂ କର୍ମଚାରୀ ମୁତୟନ ରହିବେ। ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ବସ୍ ବ୍ୟବସ୍ଥା ସାଙ୍ଗକୁ ସବୁ ହବିଷିଆଳିଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଜିଲାପାଳଙ୍କ ପରିଦର୍ଶନ ସମୟରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।








@ ଦେବବ୍ରତ



@ ଗାୟତ୍ରୀ



@ ହେମନ୍ତ



@ ସ୍ମୃତିରେଖା



@ ମୋହନ



@ ମାନସରଞ୍ଜନ



@ ତାପସ



@ ଶୁଭେନ୍ଦୁରଞ୍ଜନ



@ ଶୁଭ୍ରଜିତ



@ ମୋହନ



"ଯେତେବେଳେ ମଣିଷ ନୈରାଶ୍ୟର ଶେଷ ସୀମାରେ ପହଞ୍ଚିଯାଏ, ସେତେବେଳେ ତା'ଠାରେ ଅଦ୍ଭୁତ ଶକ୍ତିର ପ୍ରକାଶ ଘଟିଥାଏ।
–ଫ୍ରାଙ୍କଲିନ୍



## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଗଣକବି ବୈଷ୍ଣବ ପାଣି ସାଂସ୍କୃତିକ ସଂସଦ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ସମ୍ମୁଖ, ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଗଣକବି ବୈଷ୍ଣବ ପାଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ସମ୍ମୁଖ, ସକାଳ ୯ଟା।
- ରାଜ୍ୟ ଯୁବ ସାମ୍ମୁଖ୍ୟ ସମିତି ପକ୍ଷରୁ ଶାନ୍ତି ପଦଯାତ୍ରା, କଳିଙ୍ଗ ହସ୍ପିଟାଲ ଛକ, ସକାଳ ୯ଟା।
- ଓଡ଼ିଆ ସଂସ୍କୃତି ମଞ୍ଚ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଉତ୍ସବ, ରାଜ୍ୟ ଯୁଟିଆ କାର୍ଯ୍ୟାଳୟ, ୟୁନିଟ୍-୨, ପୂର୍ବାହ୍ନ ୧୦ଟା।
- ପେଲ୍ ଦୃକପା, ନୂଆଦିଲ୍ଲୀ ଦ୍ୱାରା ଓଡ଼ିଶାରେ ୧୬ତମ ପରିବେଶ ସଚେତନତା ପଦଯାତ୍ରାର ଶୁଭାରମ୍ଭ, ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ରାଜ୍ୟ ମୁଖ୍ୟାଳୟ ପରିସର, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦।
- ଅମୃତସର ଟ୍ରେନ୍ ଦୁର୍ଘଟଣା ଓ ତିତ୍‌ଲି ବାତ୍ୟାରେ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ସମୂହ ଦୀପଦାନ, ବୁଦ୍ଧ ମନ୍ଦିର, ୟୁନିଟ୍-୯, ଅପରାହ୍ନ ୧୨ଟା ୧୫।
- ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଡ୍ୟାନ୍ସ ଫେଷ୍ଟିଭାଲ, ଭଞ୍ଜ କଳାମଣ୍ଡପ, ଅପରାହ୍ନ ୩ଟାରୁ ରାତି ୯ଟା।
- ଭିଏସ୍ଏସ୍ ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମହାଲକ୍ଷ୍ମୀ ପୂଜା ଅବସରରେ ଜଳଯାତ୍ରା, ପୂଜାମଣ୍ଡପ, ଅପରାହ୍ନ ୩ଟା। ଚକ୍ଷୁଦାନ, ସନ୍ଧ୍ୟା ୬ଟା ୩୦। ଆଳତି, ବନ୍ଦାପନା ଓ ପୁଷ୍ପାଞ୍ଜଳି, ରାତି ୯ଟା ୩୦।
- ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ବିଶିଷ୍ଟ ଚିତ୍ରଶିଳ୍ପୀ ଓ ନାଟ୍ୟ ନିର୍ଦ୍ଦେଶକ ଅସୀମ ବସୁଙ୍କ ଜନ୍ମ ଉତ୍ସବ, ରାଜ୍ୟ ଅଭିଲେଖାଗାର, ଅପରାହ୍ନ ୫ଟା ୩୦।
- କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ଏବଂ ୟୁଥ୍ର ମିଳିତ ଆନୁକୂଲ୍ୟରେ ଅଷ୍ଟାଦଶତମ ରାଜ୍ୟସ୍ତରୀୟ କୁମାର ଉତ୍ସବ-୨୦୧୮, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ଫ୍ରେଣ୍ଡସ୍ କ୍ଲବ ଲକ୍ଷ୍ମୀପୂଜା ସମିତି ପକ୍ଷରୁ ୩୮ତମ ଗଜଲକ୍ଷ୍ମୀ ପୂଜା, ୟୁନିଟ୍-୯, ଫ୍ରେଣ୍ଡ୍ସ କ୍ଲବ ପଡ଼ିଆ, ରୋଡ୍ ନଂ. ୬, ସନ୍ଧ୍ୟା ୬ଟା।
- ନ୍ୟୁ ଏଜି କଲୋନୀ ରେସିଡେଣ୍ଟ୍ସ କମିଟି, ନୟାପଲ୍ଲୀ ପକ୍ଷରୁ ଗଜଲକ୍ଷ୍ମୀ ପୂଜା, ସନ୍ଧ୍ୟା ୬ଟା।
- ଡିଷ୍ଟ୍ରିକ୍ଟ ସେଣ୍ଟର ଦୁର୍ଗାପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା, ଡିଷ୍ଟ୍ରିକ୍ଟ ସେଣ୍ଟର, ମୋହିନୀ କମ୍ପ୍ଲେକ୍ସ ନିକଟ, ଚନ୍ଦ୍ରଶେଖରପୁର, ସନ୍ଧ୍ୟା ୬ଟା।
- ଶହୀଦନଗର ସାମାଜିକ ସାଂସ୍କୃତିକ ପରିଷଦ ପକ୍ଷରୁ ୧୮ତମ ଗଜଲକ୍ଷ୍ମୀ ପୂଜା ମହୋତ୍ସବ, ଶହୀଦନଗରସ୍ଥିତ ପୂଜାମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ପୁରୁଣା ଷ୍ଟେଶନ ବଜାର ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ଗଜଲକ୍ଷ୍ମୀ ପୂଜା, ପୂଜାମଣ୍ଡପ, ସନ୍ଧ୍ୟା ୬ଟା ୩୩ରୁ ରାତି ୮ଟା ୦୪ ମଧ୍ୟେ।

### ବାଲିଅନ୍ତା

- ଗଜଲକ୍ଷ୍ମୀ ପୂଜା, ବାଲିଅନ୍ତା ବଜାର, ପାହାଲ ବଜାର ଓ ଜୟପୁର, ପୂର୍ବାହ୍ନ ୧୦ଟା।

## କଟକ ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକ

**ବାରଙ୍ଗ,୨୩।୧୦(ଡି.ଏନ୍.ଏ.):** କଟକ ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକ ସୋମବାର ବାରଙ୍ଗସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଚୌଧୁରୀ ହେମନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ସମ୍ପାଦକ ଦିଲୀପ ମଲ୍ଲିକ, ଉପସଭାପତି ନୟନ କିଶୋର ମହାନ୍ତି, କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ହୃଷୀକେଶ ଜେନା, ପୂର୍ବତନ ମନ୍ତ୍ରୀ ସମୀର ଦେ ପ୍ରମୁଖ ଯୋଗଦେଇଥିଲେ। ପାନୀୟ ଜଳ, ପାଇଖାନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗ୍ରାମ୍ୟରାସ୍ତା, ରାଶନ କାର୍ଡ ସହ ଚିଟ୍‌ଫଣ୍ଡ ଦୁର୍ନୀତି ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଏଥିସହ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଏବଂ ରାଜ୍ୟ ସରକାରଙ୍କ ବିଫଳତାକୁ ପଦଯାତ୍ରା ମାଧ୍ୟମରେ ଗ୍ରାମାଞ୍ଚଳ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ କରାଯାଇଥିଲା।

ଆସନ୍ତା ଡିସେମ୍ବର ମାସରେ ନିର୍ବାଚନ ମଣ୍ଡଳୀ ସ୍ତରରେ ପଦଯାତ୍ରା କରି ଜନସଚେତନତା ସୃଷ୍ଟି କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି କାର୍ଯ୍ୟକାରିଣୀ ବୈଠକରେ ବାରଙ୍ଗ ମଣ୍ଡଳ ସଭାପତି ପ୍ରଭାସ ରାଉତ, ପ୍ରକାଶ ବେହେରା, ଦେବୀ ପ୍ରସାଦ ମହାନ୍ତି, ସିଦ୍ଧେଶ୍ୱର ପାଇକରାୟଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ୧୪ ବର୍ଷ ପରେ ବି ଆରମ୍ଭ ହେଲାନି ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ପ୍ରକଳ୍ପ

- ଅଧିକାଂଶ ପ୍ରକଳ୍ପ ଅଧାପନ୍ତରିଆ
- ରିପୋର୍ଟ ମାଗିଲା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ
- ପଦାକୁ ଆସିଲା ବିଭାଗୀୟ ବିଫଳତା

**କଟକ ଅଫିସ, ୨୩।୧୦**

ଆଉ ମାତ୍ର କେଇଟା ମାସ ପରେ ହେବ ସାଧାରଣ ନିର୍ବାଚନ। ଏହାପୂର୍ବରୁ ଏବେ ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଜୋର୍‌ସୋର୍‌ରେ ଚାଲିଛି। ଇତିମଧ୍ୟରେ କଟକ ଜିଲାରେ ବହୁ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ବିଗତ ଦୁଇ ସାଧାରଣ ନିର୍ବାଚନ ପୂର୍ବରୁ ମଧ୍ୟ ଏପରି ଶିଳାନ୍ୟାସ ହୋଇଥିଲା। ହେଲେ ୧୪ବର୍ଷ ତଳେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ଏକାଧିକ ପ୍ରକଳ୍ପ ଆରମ୍ଭ ହୋଇ ନ ଥିବାବେଳେ ଅଧିକାଂଶ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏହାକୁ ନେଇ ଏବେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କଟକ ଜିଲାପାଳଙ୍କୁ ଚିଠି କରାଯାଇଛି। ୨୦୦୪ରୁ ୨୦୧୬ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିବା ୬୭ ପ୍ରକଳ୍ପର ବାସ୍ତବ ସ୍ଥିତି ସଂକ୍ରାନ୍ତ ରିପୋର୍ଟ ମଗାଯାଇଛି। ପ୍ରକଳ୍ପଗୁଡିକ କେବେ ପୂର୍ଣ୍ଣାଙ୍ଗ ହେବ ତାହା ସ୍ଥିର କରି ଜଣାଇବା ପାଇଁ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଚିଠି ପହଞ୍ଚିବା ପରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ସମ୍ପୃକ୍ତ ବିଭାଗଗୁଡିକଠାରୁ ରିପୋର୍ଟ ଚାହିଁଛନ୍ତି। ୭ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନାନୁସାରେ, ୨୦୦୪ରେ କଟକ ଜିଲାରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ବହୁ କୋଟି ଟଙ୍କାର ୭ ପ୍ରକଳ୍ପ ଏଭଳି ସ୍ଥିତିରେ ରହିଛି। ଉକ୍ତ ବର୍ଷ ଜାନୁୟାରୀ ୧୩ରେ କନ୍ଦଳ ନଦୀର କୁନ୍ଦିମୁହାଣ ନିକଟରେ ଏକ ସେତୁର ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ। ଏହି ସେତୁର ଆପ୍ରୋଚ ରୋଡ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ତାହା ଲୋକଙ୍କ ସେବାରେ ଲାଗିପାରି ନାହିଁ। ଫେବୃୟାରୀ ୧୦ରେ କଟକ ବକ୍ସିବଜାର ନିକଟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ ଦେଇଥିଲେ। ଏହି ପ୍ରକଳ୍ପର କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇନାହିଁ। ପ୍ରକଳ୍ପ ଆରମ୍ଭ ହେବାକୁ ଆଉ ୬ମାସ ସମୟ ଲାଗିବ ବୋଲି କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଜଣାଇଛନ୍ତି। ସେହିପରି ଉକ୍ତଦିନ ସିଡିଏ ସେକ୍ଟର-୧୩ ନିକଟରେ ଏକ ବସ୍‌ଷ୍ଟାଣ୍ଡ ଓ କତ୍ରାପାଳ ନିକଟରେ ମଧ୍ୟମ ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ କରିଥିଲେ। ବସ୍‌ଷ୍ଟାଣ୍ଡର କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇ ନ ଥିବାବେଳେ ଜମି ପାଇଁ ଅଟକି ରହିଛି ଜଳସେଚନ ପ୍ରକଳ୍ପ କାର୍ଯ୍ୟ। ସେହିପରି ଚୌଦ୍ୱାର ନିକଟରେ ଏକ ଗେଷ୍ଟ ହାଉସର ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ । ମାତ୍ର ଅର୍ଥାଭାବରୁ ଏହି କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଗୃହ ଓ ନଗର ଉନ୍ନୟନ ବିଭାଗର ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଚୌଦ୍ୱାର ଗାନ୍ଧୀଛକ ନିକଟରେ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇ ନ ଥିବା ଜଣାପଡିଛି।

୨୦୦୬ରେ ନରସିଂହପୁର ବ୍ଲକର ନାରାୟଣପୁର ନିକଟରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ହାଡୁଆ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାବେଳେ ବ୍ରଜବିହାରୀପୁର ନିକଟରେ ଥିବା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଗୃହ ନିମାଣ କାର୍ଯ୍ୟ ଅର୍ଥାଭାବରୁ ଅଧା ରହିଛି। ସେହିପରି କଟକ ସହରରେ ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳନ୍ୟାସ କରିଥିଲେ ମଧ୍ୟ ଏଯାଏ ଜମି ଯୋଗାଇ ଦିଆଯାଇନି। ଏହିପରି ୨୦୧୬ ମସିହା ମଧ୍ୟରେ ମୁଖ୍ୟମନ୍ତ୍ରୀ ଜିଲାର ବିଭିନ୍ନ ସ୍ଥାନରେ ୬୭ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏସବୁ ପ୍ରକଳ୍ପଗୁଡିକ ଆରମ୍ଭ ନ ହେବା ବା ଅଧାପନ୍ତରିଆ ରହିବା ପଛରେ ପ୍ରଶାସନିକ ଉଦାସୀନତା ଓ ବିଭାଗୀୟ ବିଫଳତାକୁ ଦାୟୀ କରାଯାଉଛି। ଅନ୍ୟପକ୍ଷରେ ପ୍ରକଳ୍ପକୁ ନେଇ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ପ୍ରଶାସନ ପକ୍ଷରୁ ଅନେକ କ୍ଷେତ୍ରରେ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ଉଦାହରଣ ସ୍ୱରୂପ, ୫ ମହଲା ବିଶିଷ୍ଟ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲର ଲିନାକ ବିଲ୍‌ଡିଂର ୧ ମହଲା କାର୍ଯ୍ୟକୁ ଶେଷ କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି। ବାକି ମହଲାଗୁଡିକ ଅଧାପନ୍ତରିଆ ହୋଇ ପଡିରହିଛି। ସେହିପରି କଟକ ସିଡିଏ ଅଞ୍ଚଳକୁ ବିଶୁଦ୍ଧ ଜଳଯୋଗାଣ ପାଇଁ ମୁଖ୍ୟମନ୍ତ୍ରୀ ୨୦୧୩ରୁ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ ମଧ୍ୟ ତାହା ଶେଷ ହୋଇନାହିଁ। ଅନୁରୂପଭାବେ ବାଙ୍କୀରେ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ନରସିଂହପୁରରେ ଦକ୍ଷତା ବିକାଶ କେନ୍ଦ୍ର ଓ ସର୍ବୋପରି ଜାଇକା ପ୍ରକଳ୍ପ କାର୍ଯ୍ୟରେ ମଧ୍ୟ ଅନୁରୂପ ଅବସ୍ଥା ଉପୁଜିଛି। ଏ ସମ୍ପର୍କରେ ଜିଲାପାଳ ଅଗ୍ରୱାଲଙ୍କୁ ପଚାରିବାରୁ ବିଭାଗୀୟ ଅଧିକାରୀମାନଙ୍କଠାରୁ ରିପୋର୍ଟ ମଗାଯାଇଥିବା କହିଛନ୍ତି।



ବିଏମ୍‌ସି ହସ୍ପିଟାଲଠାରେ ଭାଜପା କର୍ମୀମାନେ ନୀରବ ପ୍ରତିବାଦ କରୁଛନ୍ତି।

## ସମସ୍ୟା ଘେରରେ ବିଏମ୍‌ସି ହସ୍ପିଟାଲ

### ଭାଜପାର ଧାରଣା, ଏକାମ୍ର ଜନଜାଗରଣ ମଞ୍ଚର ଦାବିପତ୍ର

**ପୁରୁଣା ଭୁବନେଶ୍ୱର, ୨୩। ୧୦( ଡି.ଏନ.ଏ.)**

ରାଜଧାନୀର ସର୍ବପୁରାତନ ବିଏମସି ହସ୍ପିଟାଲର ରହିଛି ଅନେକ ସମସ୍ୟା। ରୋଗୀମାନଙ୍କ ଚିକିତ୍ସା ପାଇଁ ଯନ୍ତ୍ରପାତି ନ ଥିବାବେଳେ ନିକଟରେ ବିଭିନ୍ନ ବିଭାଗର ୮ଜଣ ଡାକ୍ତରଙ୍କ ବଦଳି ନେଇ ଦେଖାଦେଇଛି ସମସ୍ୟା। କେବଳ ରୋଗୀ ନୁହନ୍ତି ହସ୍ପିଟାଲ ଉପରେ ନିର୍ଭର କରୁଥିବା ବହୁ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଦେଖାଦେଇଛି ଅସନ୍ତୋଷ। ମଙ୍ଗଳବାର ଭାଜପା ପକ୍ଷରୁ ହସ୍ପିଟାଲ ସମ୍ମୁଖରେ ସମସ୍ୟାଗୁଡିକର ସମାଧାନ ଲାଗି ନୀରବ ଧାରଣା ଦିଆଯାଇଥିଲା। ଧାରଣାରେ ଶତାଧିକ କର୍ମୀ ସାମିଲ ହୋଇଥିଲେ। ଭାଜପାର ପୂର୍ବତନ ଭୁବନେଶ୍ୱର ଜିଲା ସଭାପତି ଅମିୟ ଦାସଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା। ଏଥିରେ ସରକାର, ସ୍ଥାନୀୟ ଲୋକପ୍ରତିନିଧି, ବିଏମସି କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏଭଳି ଏକ ସର୍ବପୁରାତନ ହସ୍ପିଟାଲର ବହୁ ସମସ୍ୟା ଦେଖାଦେବା ସହ ରୋଗୀମାନେ ସେବାରୁ ବଞ୍ଚିତ ହେଉଥିବା କୁହାଯାଇଥିଲା। ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ପ୍ରଧାନ, ରତିକାନ୍ତ ପ୍ରଧାନ, କୈଳାସ ଜେନା, ମଦନ ମୋହନ ପ୍ରଧାନ, ସୁନୀଲ ଦାସ, ଶିବପ୍ରସାଦ ବେହେରା, ଶେଷଶେଖର ଗରାବଡୁ, ଅଜୟ ଜେନା, ସୁବାସିନୀ ପୃଷ୍ଟି, ରଶ୍ମିପ୍ରଭା ସାମନ୍ତରାୟ, ଶକ୍ତି ପ୍ରସାଦ ସାହୁ, ଆଶୁତୋଷ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ସର୍ବପୁରାତନ ବିଏମସି ହସ୍ପିଟାଲର ସମସ୍ୟା ନେଇ ଦେଖାଦେଇଛି ବିଭିନ୍ନ ମହଲରେ ଅସନ୍ତୋଷ। ମଙ୍ଗଳବାର ସମସ୍ୟାକୁ ନେଇ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ସ୍ଥାନୀୟ ବିଧାୟକ ତଥା ଓଡ଼ିଆଭାଷା ସହିତ୍ୟା ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ବାସଭବନରେ ଦାବିପତ୍ର ଦେଇଥିଲେ। ବିଭିନ୍ନ ବିଚାର ବିମର୍ଶ ପରେ ଡାକ୍ତର ଏବଂ ଅନ୍ୟାନ୍ୟ ସମସ୍ୟାର ସମାଧାନ ଦୁଇ ସପ୍ତାହ ମଧ୍ୟରେ ପୂରଣ କରିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଥିଲା। ନଚେତ୍ ଆଗାମୀଦିନରେ ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଛି। ମଞ୍ଚ ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକଙ୍କ ନେତୃତ୍ୱରେ ଜଗତ ଚନ୍ଦ୍ର ଦାସ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସୁମିତ୍ରା ପାଣି, ମୃତ୍ୟୁଞ୍ଜୟ ମହାନ୍ତି, ସୁଲତା ସାହାଣ, ସ୍ୱପ୍ନାରାଣୀ ସାମଲ, ସଞ୍ଜୁକ୍ତା ପାତ୍ର, ବିଷ୍ଣୁପ୍ରିୟା ଜେନା, ରୀନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ରାମଚଣ୍ଡୀ ସାହି ଓଷ୍ଟା କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ ସ୍ମୃତିଚାରଣ ସଭା ଓ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

- ସିରିଜ୍ ଦୁର୍ଘଟଣାରେ ୨ ଆହତ

## ବାଇକ୍, କାର, ବସକୁ ଧକ୍କା ଦେଲା ଟ୍ରକ

**ଖୋର୍ଦ୍ଧା ଅଫିସ,୨୩।୧୦**

କଲିକତା-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଅଞ୍ଚଳରେ ମଙ୍ଗଳବାର ରାତି ପ୍ରାୟ ୧୦ଟା୪୫ରେ ସିରିଜ୍ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ବାଇକ୍, କାର ଓ ବସକୁ ଧକ୍କା ଦେଇଛି ଟ୍ରକ। ଏଥିରେ ଟ୍ରକ ଚାଳକ ଓ ବାଇକ୍ ଚାଳକ ଆହତ ହୋଇଛନ୍ତି। ଆହତ ଦ୍ୱୟଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କାରଟି ବେଶି କ୍ଷତିଗ୍ରସ୍ତ ହୋଇଛି। ମିଳିଥିବା ସୂଚନା ଅନୁସାରେ, ଏକ ପଥର ବୋଝେଇ ଟ୍ରକ ଖୋର୍ଦ୍ଧାରୁ ୧୬ ନଂ. ଜାତୀୟ ରାଜପଥକୁ ଯାଉଥିଲା। ଟ୍ରକଟି ଭାରସାମ୍ୟ ହରାଇ ପ୍ରଥମେ କାରକୁ ଧକ୍କା ଦେଇଥିଲା। ତେବେ ବାଇକ୍ ଚାଳକ ଦୁର୍ଘଟଣାରୁ ବର୍ତ୍ତି ଯାଇ ରାସ୍ତା କଡରେ ପଡି ଆହତ ହୋଇଥିଲେ। ପରେ ଟ୍ରକଟି କାରକୁ ଧକ୍କା ଦେଇଥିଲା। ଶେଷରେ ଖଡିଆଳ ରୋଡ ଯାଉଥିବା ଏକ ବସକୁ ଅନୁରୂପ ଧକ୍କା ଦେଇଥିଲା।

- ନାମଲେଖାରେ ଅନିୟମିତତା ଅଭିଯୋଗ

## ବାଣୀବିହାର ଲ କଲେଜ ସମ୍ମୁଖରେ ବିକ୍ଷୋଭ

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ(ବାଣୀବିହାର) ଲ କଲେଜରେ ପ୍ରଥମ ବର୍ଷ ନାମ ଲେଖାରେ ଅନିୟମିତତା ହୋଇଥିବା କେତେଜଣ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ମଙ୍ଗଳବାର କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସମ୍ପୃକ୍ତ ଛାତ୍ରୀଛାତ୍ର କହିଛନ୍ତି ଯେ, ଆଇନ ପାଠ୍ୟକ୍ରମର ପ୍ରଥମ ବର୍ଷରେ ନାମଲେଖା ପାଇଁ ଅପେକ୍ଷାରତ ଛାତ୍ରୀଛାତ୍ରଙ୍କୁ ୨୨ ଓ ୨୩ ତାରିଖରେ ଡକାଯାଇଥିଲା। କିନ୍ତୁ ଏହା ଦଶହରା ଛୁଟି ମଧ୍ୟରେ ଆସୁଥିବାରୁ ରାଜ୍ୟର ସମସ୍ତ ସ୍କୁଲ କଲେଜ ବନ୍ଦ ରହିଛି। ଫଳରେ ଛାତ୍ରୀଛାତ୍ରମାନେ ଏନ୍‌ଓସି ଓ ସିଏଲ୍‌ସି ଆଣିବାରେ ବିଫଳ ହେଉଛନ୍ତି। କିନ୍ତୁ କଲେଜ କର୍ତ୍ତୃପକ୍ଷ ସିଏଲସି ଓ ଏନଓସି ବିନା ଅନେକ ଛାତ୍ରୀଛାତ୍ରଙ୍କ ନାମ ଲେଖାଇଛନ୍ତି। ଏ ନେଇ ଛାତ୍ରୀଛାତ୍ରମାନେ କଲେଜ ଅଧ୍ୟକ୍ଷଙ୍କୁ ଭେଟିବାରୁ ସେ କହିଛନ୍ତି ଯେ, ବିନା ଏନ୍‌ଓସି ଓ ସିଏଲ୍‌ସିରେ ନାମ ଲେଖାଯାଇ ପାରିବ। ଛାତ୍ରୀଛାତ୍ରମାନେ ସତ୍ୟପାଠ ଦାଖଲ କରି କଲେଜ ଖୋଲିବା ପରେ ସେମାନେ ଦେଇଥିବା ନିର୍ଦ୍ଦିଷ୍ଟ ତାରିଖରେ ତାହାକୁ ଦାଖଲ କରିବେ। ମାତ୍ର ଅନେକ ଛାତ୍ରୀଛାତ୍ର ସିଏଲ୍‌ସି ଓ ଏନ୍‌ଓସି ବିନା ନାମ ଲେଖାଇବାରେ ବିଫଳ ହୋଇଛନ୍ତି। ଏହା ପ୍ରତିବାଦରେ ସେମାନେ କଲେଜ ସମ୍ମୁଖରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କଲେଜ କର୍ତ୍ତୃପକ୍ଷ ଦଶହରା ଛୁଟି ପରେ ନାମଲେଖା ପାଇଁ ଏକ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରିବାକୁ ସେମାନେ ଦାବି କରିଛନ୍ତି।

## ଆଧ୍ୟାତ୍ମିକ ପୁସ୍ତକ 'ଯୋଗୀର ସଂସାର' ଉନ୍ମୋଚିତ

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ଓଡ଼ିଶା ଆନୁକୂଲ୍ୟରେ ମଙ୍ଗଳବାର ରାଜ୍ୟ ଅଭିଲେଖାଗାରଠାରେ ଭରତଚନ୍ଦ୍ର ନାଥଙ୍କ ରଚିତ ଆଧ୍ୟାତ୍ମିକ ପୁସ୍ତକ 'ଯୋଗୀର ସଂସାର'ର ପ୍ରଥମ ଏବଂ ଦ୍ୱିତୀୟ ଭାଗ ଉନ୍ମୋଚିତ ହୋଇଯାଇଛି। ଏ ନେଇ ଆୟୋଜିତ ଏକ ସଭାରେ ଅନୁଷ୍ଠାନର ସଭାପତି ପ୍ରଫେସର ନିତ୍ୟାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ସଦସ୍ୟ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସମ୍ପାଦକ ପ୍ରଫେସର ରାଜକିଶୋର ମିଶ୍ର, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଧର୍ମଶାସ୍ତ୍ର ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଡ. ବ୍ରଜକିଶୋର ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ଆଇଜି ସାରଙ୍ଗଧର ରାୟଗୁରୁ ପୁସ୍ତକର ସମୀକ୍ଷା କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଡ. ମଥୁରେନନ୍ଦ୍ର ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସଭାପତି ରାଧାଶ୍ୟାମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷଣା ପରିଷଦ ଆନୁକୂଲ୍ୟରେ ମଙ୍ଗଳବାର ରାଜ୍ୟ ଅଭିଲେଖାଗାରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁସ୍ତକ 'ଯୋଗୀର ସଂସାର'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

- ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ପୁରୁଣା ଭୁବନେଶ୍ୱର, ୨୩। ୧୦( ଡି.ଏନ.ଏ.)**

ଲିଙ୍ଗରାଜ ଥାନା ଅଧୀନ ଦିବ୍ୟବିହାର ଅଞ୍ଚଳରେ ଜଣେ ଯୁବକଙ୍କ ମୃତଦେହ କଦମ୍ବ ଗଛରେ ବେକରେ ଗାମୁଛା ଲାଗି ଝୁଲୁଥିବା ଦେଖିବାକୁ ମିଳିଥିଲା। ପଥର ପାଚେରିରେ ଅର୍ଦ୍ଧ ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହକୁ ପୋଲିସ୍ ଉଦ୍ଧାର କରିଛି। ମୃତକ ହେଲେ ଥାନା ଅଧୀନ ପୁନାମାଗେଟ ଭୋଇସାହିର ରାଜେନ୍ଦ୍ର ବେହେରା (୨୨) ପୋଲିସ୍ ସୂଚନା ମୁତାବକ ରାଜେନ୍ଦ୍ରଙ୍କ ଶବ ଏହି ଥାନା ଅଧୀନ ଦିବ୍ୟବିହାର ଲେନ୍-୩ରେ ଝୁଲନ୍ତା ଅବସ୍ଥାରେ ଥିବା ଦେଖି ଲୋକେ ପୋଲିସ୍‌କୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରିବା ପରେ ପରିବାର ଲୋକଙ୍କ ଅଭିଯୋଗକ୍ରମେ ରାଜେନ୍ଦ୍ର ଅନିଚ୍ଛାକୃତ ଭାବେ ଦିବ୍ୟବିହାର ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ମାତ୍ର ଏଥିରେ ଶ୍ୱଶୁର ଘର ଲୋକେ ଅସନ୍ତୋଷ ଥିଲେ। ରାଜେନ୍ଦ୍ରଙ୍କ ମା' କଳୀ ବେହେରା ଅଭିଯୋଗରେ ଦର୍ଶାଇଛନ୍ତି ଯେ ପୁଅଙ୍କୁ ଶ୍ୱଶୁର ଘର ଲୋକେ ଯୋଜନାବଦ୍ଧ ଭାବେ ହତ୍ୟାକରି କଦମ୍ବ ଗଛରେ ଟଙ୍ଗାଇ ଦେଇଛନ୍ତି। ଅଭିଯୋଗକ୍ରମେ ପୋଲିସ ଦଫା ୩୦୨, ୩୪ ଆଇପିସି ଅନୁଯାୟୀ ନଂ. ୨୧୯/୧୮ରେ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ ଚଳାଇଛି।

## ବନ୍ୟା ପ୍ରପୀଡ଼ିତଙ୍କ ପାଇଁ ୧ ଲକ୍ଷ ଟଙ୍କା ସହାୟତା

**ଭୁବନେଶ୍ୱର,୨୩।୧୦(ବ୍ୟୁରୋ)**

'ଆମ କଳାକାର ପରିବାର'ର ବାର୍ଷିକ ଉତ୍ସବ ମଙ୍ଗଳବାର ସ୍ଥାନୀୟ ରେଡ୍‌କ୍ରସ ଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମ ମେୟର ଅନନ୍ତ ନାରାୟଣ ଜେନା, ଚଳଚ୍ଚିତ୍ର ତଥା ଯାତ୍ରା ଜଗତର ବିଶିଷ୍ଟ ଅଭିନେତା ରାଇମୋହନ ପରିଡ଼ା ଓ କମିଶନରେଟ୍ ପୋଲିସର ଯତୀନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆମ କଳାକାର ପରିବାର ଓ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନର ମିଳିତ ଉଦ୍ୟମରେ ଓଡ଼ିଶାର ବନ୍ୟା ପ୍ରପୀଡ଼ିତ ଲୋକଙ୍କ ସାହାଯ୍ୟ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ଆମ କଳାକାର ପରିବାର ପକ୍ଷରୁ ଦୁର୍ଘଟଣାଜନିତ ଚିକିତ୍ସା ପାଇଁ ସଞ୍ଜୀବ କୁମାର ପ୍ରଧାନ ଓ ରବୀନ୍ଦ୍ର କୁମାର ଦାସଙ୍କୁ ୧୦ହଜାର ଟଙ୍କା ଲେଖାଏ ଏବଂ କିଡ୍‌ନୀ ରୋଗର ଚିକିତ୍ସା ପାଇଁ ଗୌରାଙ୍ଗ ସୂତାରଙ୍କୁ ୩୦ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆମ କଳାକାର ପରିବାରର ସଭାପତି କୈଳାସ ଚନ୍ଦ୍ର ସେନାପତି, ଉପସଭାପତି ଅଂଶୁମାନ ନାୟକ, ସମ୍ପାଦକ ଚିରଞ୍ଜନ ପ୍ରଧାନ, ସହସମ୍ପାଦକ ସମୀର ରଞ୍ଜନ ପ୍ରଧାନ, ଉପଦେଷ୍ଟା ବସନ୍ତ କୁମାର ତିଆଡ଼ି, ପ୍ରତାପ ଚନ୍ଦ୍ର ଦାସ, ପରମେଶ୍ୱର ବେହେରା ପ୍ରମୁଖଙ୍କ ସହ ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା ଓ ସମ୍ପାଦକ ରଞ୍ଜିତ କୁମାର ମହାନ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କଳାକାର ପରିବାରର ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ସହ ଏହାର ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା।

- ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ବାଲିପାଟଣା,୨୩।୧୦(ଡି.ଏନ୍.ଏ.)**

ବାଲିପାଟଣା ଥାନା ଅଧୀନ ମାର୍ଥାପୁର ଗ୍ରାମର ବିଜୟ ଭୋଇଙ୍କ ଗତ ସୋମବାର ରାତିରେ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରଙ୍କୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ମଙ୍ଗଳବାର ବାଲିପାଟଣା ବନମାଳିପୁର ରାସ୍ତାର ନୂଆସାହି କେନାଲ ବ୍ରିଜଠାରେ ମାର୍ଥାପୁର ଗ୍ରାମବାସୀ ରାସ୍ତାରୋକୋ କରିବା ସହ ବାଇକ୍ ଚାଳକଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲେ। ଖବରପାଇ ଏସିପି ଅମରେନ୍ଦ୍ର ପଣ୍ଡା, ଆଇଆଇସି ଆକାଶ ରଣା, ତହସିଲଦାର ପ୍ରାଚୀ ମହାପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଏହା ସହ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ। ସରକାରୀ ନିୟମାନୁସାରେ ଯାହା ସହାୟତା ମିଳିପାରିବ ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି ତହସିଲଦାର ମହାପାତ୍ର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ଆଲୋଇ ଗ୍ରାମର ଲିପୁ ପ୍ରଧାନଙ୍କୁ ମଙ୍ଗଳବାର ବାଲିପାଟଣା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ବିଜୟ ଗତ ସୋମବାର ରାତି ପ୍ରାୟ ୮ଟା ରେ ଶୌଚ ହେବା ପାଇଁ ଯାଉଥିଲେ। ଏହି ସମୟରେ ଆଲୋଇ ଗ୍ରାମର ଲିପୁ ଏକ ବାଇକ(ଓଡି ୦୨ ଏଡବ୍ଲୁ ୩୨୨୭)ରେ ଆସି ବିଜୟଙ୍କ ପଛପଟୁ ପିଟିଦେଇଥିଲେ। ଘଟଣାସ୍ଥଳରେ ବିଜୟ ପଡିଯିବା ସହ ମୁଣ୍ଡ ଫାଟି ଯାଇଥିଲା। ପରିବାଲୋକେ ଚିକିତ୍ସା ପାଇଁ ବିଜୟଙ୍କୁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍‌ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଜୟଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଦାବି କରିଥିଲେ। ଏନେଇ ପୋଲିସ ମାମଲା (ନଂ.୧୯୨/୧୮) ରୁଜୁ କରି ତଦନ୍ତ ଚଳାଇଥିଲା।



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

## ସଂକ୍ଷେପରେ

### ବାଇକ୍‌ରୁ ପଡ଼ି ଗୁରୁତର ଯୁବକଙ୍କ ମୃତ୍ୟୁ

**ସାଲେପୁର,୨୩।୧୦(ଡି.ଏନ.ଏ.):** କଟକ-ଚାନ୍ଦବାଲି ରାସ୍ତାର ଶିଶୁଆଠାରେ ବାଇକ୍‌ରୁ ପଡ଼ି ଗୁରୁତର ହୋଇଥିବା ଜଣେ ଯୁବକଙ୍କ ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଶିଶୁଆରେ ଘରଭଡ଼ା ନେଇ ରହୁଥିବା ରାଜୀବ ପ୍ରଧାନଙ୍କ ପୁଅ ସନ୍ତୋଷ(୨୫)। ସେ ଶନିବାର ବିଳମ୍ବିତ ରାତ୍ରିରେ ଘରକୁ ଆସୁଥିବାବେଳେ ତାଙ୍କ ଗାଡ଼ି ଆଗକୁ ଏକ ବୁଲା କୁକୁର ପଶିଆସିବାରୁ ଭାରସାମ୍ୟ ହରାଇ ରାସ୍ତାରେ ପଡି ଗୁରୁତର ହୋଇଥିଲେ। ଖବର ପାଇ ସ୍ଥାନୀୟ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜଗତ୍‌ପୁରସ୍ଥିତ ଏକ ଘରୋଇ ନର୍ସିଂହୋମ୍‌କୁ ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସନ୍ତୋଷ ମା'ବାପାଙ୍କ ଏକମାତ୍ର ପୁଅ ହୋଇଥିବାରୁ ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

**ନିଶ୍ଚିନ୍ତକୋଇଲି,୨୩।୧୦(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ହୋଇଛି। ଏ ନେଇ ତାଙ୍କ ମା' ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନାବାଳିକା ଜଣଙ୍କ ଟ୍ୟୁସନରୁ ଘରକୁ ଫେରୁଥିବା ସମୟରେ ୪୦ ବର୍ଷୀୟ ଯୁବକ ତାଙ୍କୁ ଅସଦାଚରଣ କରିଥିବା ନାବାଳିକାଙ୍କ ମା' ଅଭିଯୋଗରେ ଦର୍ଶାଇଛନ୍ତି। ନାବାଳିକା ଜଣଙ୍କ ପ୍ରତ୍ୟେକ ଦିନ ରାସ୍ତାରେ ଯିବା ଆସିବା କରୁଥିବା ବେଳେ ସମ୍ପୃକ୍ତ ଯୁବକ ତାଙ୍କ ଉପରେ ନଜର ରଖିଥାନ୍ତି। ଏପରି କି ପୂର୍ବରୁ ଯୁବକ ଜଣଙ୍କ ତାଙ୍କୁ ୨ରୁ ୩ଥର ଅସଦାଚରଣ କରିଥିବା ନେଇ ନାବାଳିକା ଜଣକ ତାଙ୍କ ମା'ଙ୍କ ଆଗରେ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଥାନାରେ କୌଣସି ମାମଲା ହୋଇନାହିଁ। ପୋଲିସ ଅନୁସନ୍ଧାନ ଆରମ୍ଭ କରିଛି। ସତ୍ୟାସତ୍ୟ ଜାଣିବାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ସୁଭେନ୍ଦୁ କୁମାର ପରିଡ଼ା ପ୍ରକାଶ କରିଛନ୍ତି।

### ମହିଳାଙ୍କୁ ଆକ୍ରମଣ

**ନିଶ୍ଚିନ୍ତକୋଇଲି,୨୩।୧୦(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଥାନା କଟରପଡ଼ା ପଞ୍ଚାୟତ ଗଉଡ଼ବିଶି ଗ୍ରାମର ମହିଳା ମଧୁସ୍ମିତା ବେହେରାଙ୍କୁ ଗତ ଶନିବାର ଆକ୍ରମଣ ହୋଇଛି। ଘରେ ତାଙ୍କ ସ୍ୱାମୀ ଅନୁପସ୍ଥିତ ଥିବାବେଳେ ସେହି ଗ୍ରାମର କେତେଜଣ ବ୍ୟକ୍ତି ମିଳିତଭାବେ ଆକ୍ରମଣ କରିଥିଲେ। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇପଡିଥିଲେ। ତାଙ୍କୁ ନିଶ୍ଚିନ୍ତକୋଇଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୁସ୍ଥହେବା ପରେ ୨୧ ତାରିଖରେ ସେ ଘଟଣା ସମ୍ପର୍କରେ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ମଧୁସ୍ମିତା କହିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ କହିଛନ୍ତି, ଘଟଣାର ତଦନ୍ତ କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୧୪ ବର୍ଷ ପରେ ବି ଆରମ୍ଭ ହେଲାନି ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ପ୍ରକଳ୍ପ

- ଅଧିକାଂଶ ପ୍ରକଳ୍ପ ଅଧାପନ୍ତରିଆ
- ରିପୋର୍ଟ ମାଗିଲା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ
- ପଦାକୁ ଆସିଲା ବିଭାଗୀୟ ବିଫଳତା

**କଟକ ଅଫିସ, ୨୩।୧୦**

ଆଉ ମାତ୍ର କେଇଟା ମାସ ପରେ ହେବ ସାଧାରଣ ନିର୍ବାଚନ। ଏହାପୂର୍ବରୁ ଏବେ ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଜୋର୍‌ସୋର୍‌ରେ ଚାଲିଛି। ଇତିମଧ୍ୟରେ କଟକ ଜିଲାରେ ବହୁ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ବିଗତ ଦୁଇ ସାଧାରଣ ନିର୍ବାଚନ ପୂର୍ବରୁ ମଧ୍ୟ ଏପରି ଶିଳାନ୍ୟାସ ହୋଇଥିଲା। ହେଲେ ୧୪ବର୍ଷ ତଳେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ଏକାଧିକ ପ୍ରକଳ୍ପ ଆରମ୍ଭ ହୋଇ ନ ଥିବାବେଳେ ଅଧିକାଂଶ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏହାକୁ ନେଇ ଏବେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କଟକ ଜିଲାପାଳଙ୍କୁ ଚିଠି କରାଯାଇଛି। ୨୦୦୪ରୁ ୨୦୧୬ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିବା ୬୭ ପ୍ରକଳ୍ପର ବାସ୍ତବ ସ୍ଥିତି ସଂକ୍ରାନ୍ତ ରିପୋର୍ଟ ମଗାଯାଇଛି। ପ୍ରକଳ୍ପଗୁଡିକ କେବେ ପୂର୍ଣ୍ଣାଙ୍ଗ ହେବ ତାହା ସ୍ଥିର କରି ଜଣାଇବା ପାଇଁ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଚିଠି ପହଞ୍ଚିବା ପରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ସମ୍ପୃକ୍ତ ବିଭାଗଗୁଡିକଠାରୁ ରିପୋର୍ଟ ଚାହିଁଛନ୍ତି। ୭ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ, ୨୦୦୪ରେ କଟକ ଜିଲାରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ବହୁ କୋଟି ଟଙ୍କାର ୭ ପ୍ରକଳ୍ପ ଏଭଳି ସ୍ଥିତିରେ ରହିଛି। ଉକ୍ତ ବର୍ଷ ଜାନୁୟାରୀ ୧୩ରେ କନ୍ଦଳ ନଦୀର କୁନ୍ଦିମୁହାଣ ନିକଟରେ ଏକ ସେତୁର ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ। ଏହି ସେତୁର ଆପ୍ରୋଚ ରୋଡ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ତାହା ଲୋକଙ୍କ ସେବାରେ ଲାଗିପାରି ନାହିଁ। ଫେବୃୟାରୀ ୧୦ରେ କଟକ ବକ୍ସିବଜାର ନିକଟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ ଦେଇଥିଲେ। ଏହି ପ୍ରକଳ୍ପର କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇନାହିଁ। ପ୍ରକଳ୍ପ ଆରମ୍ଭ ହେବାକୁ ଆଉ ୬ମାସ ସମୟ ଲାଗିବ ବୋଲି କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଜଣାଇଛନ୍ତି। ସେହିପରି ଉକ୍ତଦିନ ସିଡିଏ ସେକ୍ଟର-୧୩ ନିକଟରେ ଏକ ବସ୍‌ଷ୍ଟାଣ୍ଡ ଓ କତ୍ରାପାଳ ନିକଟରେ ମଧ୍ୟମ ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ କରିଥିଲେ। ବସ୍‌ଷ୍ଟାଣ୍ଡର କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇ ନ ଥିବାବେଳେ ଜମି ପାଇଁ ଅଟକି ରହିଛି ଜଳସେଚନ ପ୍ରକଳ୍ପ କାର୍ଯ୍ୟ। ସେହିପରି ଚୌଦ୍ୱାର ନିକଟରେ ଏକ ଗେଷ୍ଟ ହାଉସର ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ । ମାତ୍ର ଅର୍ଥାଭାବରୁ ଏହି କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଗୃହ ଓ ନଗର ଉନ୍ନୟନ ବିଭାଗର ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଚୌଦ୍ୱାର ଗାନ୍ଧୀଛକ ନିକଟରେ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇ ନ ଥିବା ଜଣାପଡିଛି।

୨୦୦୬ରେ ନରସିଂହପୁର ବ୍ଲକର ନାରାୟଣପୁର ନିକଟରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ହାଡୁଆ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାବେଳେ ବ୍ରଜବିହାରୀପୁର ନିକଟରେ ଥିବା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଗୃହ ନିମାଣ କାର୍ଯ୍ୟ ଅର୍ଥାଭାବରୁ ଅଧା ରହିଛି। ସେହିପରି କଟକ ସହରରେ ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳନ୍ୟାସ କରିଥିଲେ ମଧ୍ୟ ଏଯାଏ ଜମି ଯୋଗାଇ ଦିଆଯାଇନି। ଏହିପରି ୨୦୧୬ ମସିହା ମଧ୍ୟରେ ମୁଖ୍ୟମନ୍ତ୍ରୀ ଜିଲାର ବିଭିନ୍ନ ସ୍ଥାନରେ ୬୭ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏସବୁ ପ୍ରକଳ୍ପଗୁଡିକ ଆରମ୍ଭ ନ ହେବା ବା ଅଧାପନ୍ତରିଆ ରହିବା ପଛରେ ପ୍ରଶାସନିକ ଉଦାସୀନତା ଓ ବିଭାଗୀୟ ବିଫଳତାକୁ ଦାୟୀ କରାଯାଉଛି।

ଅନ୍ୟପକ୍ଷରେ ପ୍ରକଳ୍ପକୁ ନେଇ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ପ୍ରଶାସନ ପକ୍ଷରୁ ଅନେକ କ୍ଷେତ୍ରରେ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ଉଦାହରଣ ସ୍ୱରୂପ, ୫ ମହଲା ବିଶିଷ୍ଟ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲର ଲିନାକ ବିଲ୍‌ଡିଂର ୧ ମହଲା କାର୍ଯ୍ୟକୁ ଶେଷ କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି। ବାକି ମହଲାଗୁଡିକ ଅଧାପନ୍ତରିଆ ହୋଇ ପଡିରହିଛି। ସେହିପରି କଟକ ସିଡିଏ ଅଞ୍ଚଳକୁ ବିଶୁଦ୍ଧ ଜଳଯୋଗାଣ ପାଇଁ ମୁଖ୍ୟମନ୍ତ୍ରୀ ୨୦୧୩ରୁ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ ମଧ୍ୟ ତାହା ଶେଷ ହୋଇନାହିଁ। ଅନୁରୂପଭାବେ ବାଙ୍କୀରେ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ନରସିଂହପୁରରେ ଦକ୍ଷତା ବିକାଶ କେନ୍ଦ୍ର ଓ ସର୍ବୋପରି ଜାଇକା ପ୍ରକଳ୍ପ କାର୍ଯ୍ୟରେ ମଧ୍ୟ ଅନୁରୂପ ଅବସ୍ଥା ଉପୁଜିଛି। ଏ ସମ୍ପର୍କରେ ଜିଲାପାଳ ଅଗ୍ରୱାଲଙ୍କୁ ପଚାରିବାରୁ ବିଭାଗୀୟ ଅଧିକାରୀମାନଙ୍କଠାରୁ ରିପୋର୍ଟ ମଗାଯାଇଥିବା କହିଛନ୍ତି।



ବାଙ୍କୀ ମହୋତ୍ସବ ଉପଲକ୍ଷେ ସହରକୁ ରଙ୍ଗବେରଙ୍ଗ ଆଲୋକରେ ସଜାଯାଇଛି।

## ଆଜିଠାରୁ ବାଙ୍କୀ ମହୋତ୍ସବ
# ଗାଁଠୁ ସହର ଉତ୍ସବମୁଖର

**ବାଙ୍କୀ,୨୩।୧୦(ସ୍ୱ.ପ୍ର.)**

ବାଙ୍କୀ ସାଂସ୍କୃତିକ ଜାଗରଣର ମୁକସାକ୍ଷୀ ବାଙ୍କୀ ମହୋତ୍ସବ ବୁଧବାରଠାରୁ ଆରମ୍ଭ ହେବ। ୧୯ବର୍ଷରେ ପଦାର୍ପଣ କରି କଳା, ସାହିତ୍ୟ ଜଗତକୁ ବାନ୍ଧିରଖିବା ସହିତ କଳାକାରଙ୍କୁ ଶ୍ରେଷ୍ଠ ସମ୍ମାନ ପ୍ରଦାନ କରିବାରେ ମହୋତ୍ସବ ସହାୟକ ହୋଇଛି। ଚଳିତ ମହୋତ୍ସବ ପାଇଁ ଏବେଠାରୁ ଗାଁଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଚଳଚଞ୍ଚଳ ହୋଇପଡ଼ିଛି। ପାଗ ଅନୁକୂଳ ଥିବାରୁ ଜନସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବା ଅନୁମାନ କରାଯାଇଛି। ସମସ୍ତ ବ୍ୟବସ୍ଥା ଏବଂ ଟ୍ରାଫିକ୍ ନିୟମ କଡାକଡ଼ି ପାଳନ କରିବା ପାଇଁ ବାଙ୍କୀ ପ୍ରଶାସନ ଓ ପୋଲିସ ବିଭାଗ ତତ୍ପରତା ଦେଖାଇଛି। ମହୋତ୍ସବ ପଡ଼ିଆ ଓ ବାଙ୍କୀର ବିଭିନ୍ନ ପୂଜା ମଣ୍ଡପରେ ଆକର୍ଷଣୀୟ ତୋରଣ ଏବଂ ସାଜସଜା ପ୍ରସ୍ତୁତ ହୋଇସାରିଛି। ବାହାରୁ ବ୍ୟବସାୟୀମାନେ ମଧ୍ୟ ଆସି ଆସ୍ଥାନ ଜମେଇ ସାରିଲେଣି। ଚର୍ଚ୍ଚିକାଙ୍କ ପୀଠରୁ ଆଜ୍ଞାମାଳ ଅଣାଯାଇ ଜ୍ୟୋତିଯାତ୍ରା କରାଯିବା ପରେ ମହୋତ୍ସବ ଉଦ୍‌ଘାଟିତ ହେବ। ଅସମାଜିକ କାର୍ଯ୍ୟକଳାପକୁ ଏଡାଇବା ପାଇଁ ସାଧା ପୋଷାକ ଧାରି ପୋଲିସ୍ ମୁତୟନ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଏହିଦିନ କୁମାର ଉତ୍ସବ ପାଳନ ହେବାକୁ ଥିବାରୁ ମଙ୍ଗଳବାର ସାହି ଗଳିର ବିଭିନ୍ନ ଚଉରାମୂଳେ ଝିଅମାନେ ସାଜସଜାରେ ବ୍ୟସ୍ତ ଥିବା ଦେଖିବାକୁ ମିଳିଛି। ଚର୍ଚ୍ଚିକା କୁମାର ପୂର୍ଣ୍ଣିମା ଅବସରରେ କୁମାରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ କୁହାଯାଇଛି।

## ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦାବି
# ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ତହସିଲ ଘେରାଉ

**ଲଳିତଗିରି,୨୩।୧୦(ସ୍ୱ.ପ୍ର.)**

ବେକାରି ଯୁବତୀଯୁବକଙ୍କୁ ନିଯୁକ୍ତି ଦାବି କରି ମଙ୍ଗଳବାର ମାହାଙ୍ଗା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ଶିକ୍ଷିତ ଯୁବତୀଯୁବକଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସରକାର ସେମାନଙ୍କୁ ନିଯୁକ୍ତି ଦେବାରେ ବିଫଳ ହେଉଛନ୍ତି। ଏଥିଯୋଗୁ ଦିନକୁ ଦିନ ବେକାରି ଯୁବତୀଯୁବକଙ୍କ ସଂଖ୍ୟା ବୃଦ୍ଧି ପାଉଛି ବୋଲି ଯୁବମୋର୍ଚ୍ଚା ଅଭିଯୋଗ କରିଛି। ଜିଲା ଯୁବମୋର୍ଚ୍ଚା ଉପସଭାପତି ରଞ୍ଜୀତ ସାହୁଙ୍କ ନେତୃତ୍ୱରେ କୁଆଁପାଳ ତାରିଣୀ ମନ୍ଦିରଠାରେ ଶତାଧିକ ଯୁବତୀଯୁବକ ଏକାଠି ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବାସହ ଏକ ଶୋଭାଯାତ୍ରାରେ ମାହାଙ୍ଗା ତହସିଲଠାରେ ପହଞ୍ଚିଥିଲେ। ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ଶିକ୍ଷିତ ବେକାରି ଯୁବତୀଯୁବକଙ୍କୁ ନିଯୁକ୍ତି ଦେବାକୁ ଦାବି କରିଥିଲେ। ଅବସର ନେଇଥିବା ବ୍ୟକ୍ତିଙ୍କୁ ଆଗ୍ରାଧିକାର ଭିତ୍ତିରେ ସରକାର ଚାକିରି ଦେଉଥିବାରୁ ଯୁବମୋର୍ଚ୍ଚା ଏହାକୁ ତୀବ୍ର ବିରୋଧ କରିଥିଲା। ନିଯୁକ୍ତି କ୍ଷେତ୍ରରେ ସରକାର ପଦକ୍ଷେପ ଗ୍ରହଣ ନ କଲେ ବେକାରି ଯୁବତୀଯୁବକ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏଥିରେ ୪୧ନଂ ଜୋନ ଯୁବ ସଭାପତି ପ୍ରଦୀପ୍ତ ମହାରଣା, ୩୯ନଂ ଜୋନ ଯୁବ ସଭାପତି କୃଷ୍ଣପ୍ରସାଦ ରାଉତ, ସମୀର ପ୍ରଧାନ, ୪୦ନଂ ଜୋନ ଯୁବ ସଭାପତି ଦେବୀ ପ୍ରସାଦ ସିଂହ ଓ ଜିଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ଦେବଦତ୍ତ କରଙ୍କ ସମେତ ବହୁ ବେକାରି ଯୁବତୀଯୁବକ ସାମିଲ ହୋଇଥିଲେ।



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ସାଲେପୁର,୨୩।୧୦(ଡି.ଏନ.ଏ.)**

ବେକାରି ସମସ୍ୟା ଦୂର କରିବା ଦାବି ନେଇ ଭାଜପା ଯୁବମୋର୍ଚ୍ଚା ସାଲେପୁର ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପ୍ରତି ସରକାର ଗୁରୁତ୍ୱ ନ ଦେଲେ ଭାଜପା ପକ୍ଷରୁ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଭାଜପା ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନିଙ୍କ ନେତୃତ୍ୱରେ ଜିଲା ସାଧାରଣ ସମ୍ପାଦକ ଅସିତ୍ ମହାନ୍ତି, ଜିଲା ଉପସଭାପତି ରଶ୍ମିରଞ୍ଜନ ଶତପଥୀ, ମଣ୍ଡଳ ସଭାପତି ଅନିଲ ଦାସ, ରଶ୍ମିରଞ୍ଜନ ପରିଡ଼ା, ରାଇସୁଙ୍ଗୁଡ଼ା ଯୁବମୋର୍ଚ୍ଚା ସଭାପତି ପ୍ରମୋଦ ନାୟକ, ରାମେଶ୍ୱର ମଣ୍ଡଳ ସଭାପତି ତପନ ନାଥ, ଧର୍ମେନ୍ଦ୍ର ମଲ୍ଲିକ, ଅକ୍ଷୟ ପତି ଓ କମଳାକାନ୍ତ ମଲ୍ଲିକ ପ୍ରମୁଖ ଏକ ଶୋଭାଯାତ୍ରାରେ ଆସି ସାଲେପୁର ତହସିଲଦାର ପଦ୍ମଜା ଦାଶଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭାଜପା ଯୁବମୋର୍ଚ୍ଚା କର୍ମୀ ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି।



ପଦଯାତ୍ରାରେ ବିଧାୟକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ତିଗିରିଆ,୨୩।୧୦(ଡି.ଏନ.ଏ.)**

ତିଗିରିଆ ବ୍ଲକ ବିଜେଡି ପକ୍ଷରୁ ନୂଆପାଟଣା ପଞ୍ଚାୟତରେ ମଙ୍ଗଳବାର ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅଜିତ ଧୀରଙ୍କ ନେତୃତ୍ୱରେ ଅନୁଷ୍ଠିତ ପଦଯାତ୍ରାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ଉପାଧ୍ୟକ୍ଷ ଗୌରହରି ପରିଡ଼ା, ଭାଗିରଥୀ ନନ୍ଦ, ମହେନ୍ଦ୍ର କୁଣ୍ଡୁ, ସଞ୍ଜୟ କର, ସରପଞ୍ଚ ସସ୍ମିତା ରାଉତ, ଜିଲାପରିଷଦ ସଭ୍ୟା ରଶ୍ମିତା ମହାଲିକ, ବାସନ୍ତୀ କର, ଧ୍ରୁବ ଚରଣ ଦାସ ଓ ସବିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶୋଭଯାତ୍ରା ରାମେଶ୍ୱର ମନ୍ଦିରଠାରୁ ଆରମ୍ଭ ହୋଇ ଗହମର ସାହି, ମଝିସାହି, ତଳସାହି, ବଡ଼ସାହି, ସୁରେନ୍ଦ୍ରପାଟଣା, ବାଲିସାହି ପର୍ଯ୍ୟନ୍ତ ଯିବାପରେ କଳାପାଟ ମନ୍ଦିର ନିକଟରେ ସମାପ୍ତ ହୋଇଥିଲା। ଏହି ଅବସରରେ ବିଜେଡି ନେତୃବୃନ୍ଦ ବିଭିନ୍ନ ପଥପ୍ରାନ୍ତ ସଭାରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ।

# ଗୋପାଳପୁରରେ କଂଗ୍ରେସ କର୍ମୀ ବୈଠକ

**ଲଳିତଗିରି,୨୩।୧୦(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ପଲ୍ଲୀସାହି ପଞ୍ଚାୟତସ୍ଥିତ ଗୋପାଳପୁରଠାରେ ସୋମବାର କଂଗ୍ରେସ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଲୋକ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ କାହ୍ନୁଚରଣ ବେହୁରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ଯୋଗଦେଇ ତୃଣମୂଳସ୍ତରରୁ ମାହାଙ୍ଗାରେ କଂଗ୍ରେସର ସଂଗଠନକୁ ଆହୁରି ମଜଭୁତ କରିବା ସହ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ମୀନକେତନ ବେହେରା, ଶିକ୍ଷାବିତ୍ ଚିତ୍ତରଞ୍ଜନ ରାଉତ, ରାମଚନ୍ଦ୍ର ବେହେରା, ଗୁରୁଚରଣ ନାୟକ, ଗୋଲଖ ଚନ୍ଦ୍ର ଓଝା, ସୂର୍ଯ୍ୟ ରାଉତ, ଭଗବାନ ରାଉତ, ହୃଷୀକେଶ ଜେନା, ଗୋପାଳ ଚନ୍ଦ୍ର ରାଉତ, ମନ୍ମଥ ଓଝା, ସନା ରାଉତ, ସତ୍ୟବାଦୀ ବେହେରା, ପୀତାମ୍ବର ଦାସ ଓ ଜ୍ଞାନରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ରଞ୍ଜନ କୁମାର ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଯୋଗ ଦେଇଥିବା କଂଗ୍ରେସ ନେତା ଓ କର୍ମୀ।

## ସାଲେପୁରରେ ଭସାଣି ଉତ୍ସବ
# ବିଦାୟ ନେଲେ ମା'ଙ୍କ ସମେତ ଅନ୍ୟ ଦେବଦେବୀ

**ସାଲେପୁର,୨୩।୧୦(ଡି.ଏନ.ଏ.)**

ସାଲେପୁର ଅଞ୍ଚଳରେ ହୋଇଥିବା ଦୁର୍ଗାପୂଜାର ଦଶହରା ଭସାଣି ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ମା' ଦୁର୍ଗାଙ୍କ ସମେତ ଅନ୍ୟ ଦେବଦେବୀଙ୍କ ୧୭ରୁ ଊର୍ଦ୍ଧ୍ୱ ମେଢ଼ ସାମିଲ ହୋଇଥିଲେ। ଦିନ ପ୍ରାୟ ୧୨ଟାରେ ରାଜାମାର୍କେଟ୍‌ରୁ ମେଢ଼ ସବୁକୁ ଶୋଭାଯାତ୍ରାରେ ଅଣାଯାଇଥିବାବେଳେ ମହାବୀର ଟ୍ରଲି ଚାଳକ ସଂଘ ପକ୍ଷରୁ ମହାବୀରଙ୍କ ମେଢ଼କୁ ସନ୍ଧ୍ୟା ସୁଦ୍ଧା ୬ନଂ କେନାଲର ଡାକପୋଲ ନିକଟରେ ବିସର୍ଜନ କରାଯାଇଥିଲା। ଅପରାହ୍ଣ ୨ଟାରେ ବଟେଶ୍ୱରସ୍ଥିତ ସମିତିମେଢ଼ ପୂଜା ମଣ୍ଡପରୁ ଶୋଭାଯାତ୍ରାରେ ବାହାରି ଉତ୍ତରବଟେଶ୍ୱର ଓ ରୋଧପୁର ଗ୍ରାମ ପରିକ୍ରମା କରି ସାଲେପୁର କଲେଜରୋଡ୍ ଦେଇ ମେଳଣ ପଡ଼ିଆରେ ପହଞ୍ଚିଥିଲା। ପରେ ବଡ଼ବଜାର, ସେର ମାର୍କେଟ୍, ମିନି ମାର୍କେଟ୍, ସେଣ୍ଟ୍ରାଲ ମାର୍କେଟ୍, ଆନନ୍ଦ ବଜାର, ରିକ୍‌ସା ଚାଳକ ସଂଘ, ହାଉସିଂବୋର୍ଡ ମାର୍କେଟ୍, ଲକ୍ଷ୍ମୀ ମାର୍କେଟ୍ ଓ ସାଲେପୁର ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ପକ୍ଷରୁ ହୋଇଥିବା ମେଢ଼ ସମେତ ଅନ୍ୟ ମେଢ଼ ଗୁଡିକ ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଠିକ୍ ସମୟରେ ଉପସ୍ଥିତ ହୋଇଥିଲେ। ଏହାପରେ ମେଢ଼ ଗୁଡିକୁ ପୂଜା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବାଜା, ବାଣ, ଘଣ୍ଟ, ଘଣ୍ଟା, ହରିବୋଲ ଓ ଜୟଜୟକାର ମଧ୍ୟରେ ବଜାର ପରିକ୍ରମା କରାଯାଇଥିଲା। ଭସାଣି ଶୋଭାଯାତ୍ରା ଦେଖିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ଏହି ଅବସରରେ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୃଙ୍ଖଳିତ ଭାବେ ସମସ୍ତ ମେଢ଼ କେନ୍ଦ୍ରାପଡ଼ା କେନାଲରେ ରାତି ୧୦ଟା ସୁଦ୍ଧା ବିସର୍ଜନ କରାଯାଇଥିଲା। ସାଲେପୁର ତହସିଲଦାର ପଦ୍ମଜା ଦାଶ, ଅତିରିକ୍ତ ବିଡିଓ ପ୍ରସନ୍ନ ମଲିକ, ସାଲେପୁର ଏସ୍‌ଡିପିଓ ପ୍ରଦ୍ୟୁମ୍ନ ଜେନା ଓ ଆଇଆଇସି ଦେବେନ୍ଦ୍ର ମଲ୍ଲିକଙ୍କ ସମେତ ଦୁଇ ପ୍ଲାଟୁନ୍ ଫୋର୍ସ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



ମେଢ଼ଗୁଡିକୁ ଶୋଭାଯାତ୍ରାରେ ନିଆଯାଉଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୨୪ ଅକ୍ଟୋବର, ୨୦୧୮



ଯେତେବେଳେ ମଣିଷ ନୈରାଶ୍ୟର ଶେଷ ସୀମାରେ ପହଞ୍ଚିଯାଏ, ସେତେବେଳେ ତା'ଠାରେ ଅଦ୍ଭୁତ ଶକ୍ତିର ପ୍ରକାଶ ଘଟିଥାଏ।

-ଫ୍ରାଙ୍କ୍‌ଲିନ



## ଆଜି କ'ଣ କେଉଁଠି

**କଟକ ସଦର**
- ଶ୍ରୀଜଗନ୍ନାଥ ଚେତନା କେନ୍ଦ୍ର ଆନୁକୂଲ୍ୟରେ ଗଜଲକ୍ଷ୍ମୀ ପୂଜା, ବୁଢ଼ୀ ଜାଗୁଲାଇ ମନ୍ଦିର ପ୍ରାଙ୍ଗଣ, ପ୍ରହରାଜପୁର, ସକାଳ ୭ଟା।

**ଫୁଲନଖରା**
- ମା' ଜାଗୁଲାଇ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା, ଡିହ ନଚ୍ଛିପୁର, ତେଲେଙ୍ଗାପେଣ୍ଠ, ରାତି ୭ଟା।
- ବଳରାମ ବାବା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା, ବଢ଼େଇ ସାହି, ତେଲେଙ୍ଗାପେଣ୍ଠ, ରାତି ୮ଟା।

## ସଂକ୍ଷେପରେ

### ମଦ ଜବତ, ୨ ଗିରଫ

**କଟକ ଅଫିସ୍, ୨୩।୧୦-** ବେଆଇନ ମଦ କାରବାର କରୁଥିବା ଅଭିଯୋଗରେ ପୁରୀଘାଟ ଥାନା ପୋଲିସ ୨ ଜଣଙ୍କୁ ମଙ୍ଗଳବାର ଗିରଫ କରିଛି। ସେମାନେ ହେଲେ ଉପର ତେଲେଙ୍ଗା ବଜାର ଅଞ୍ଚଳର ରାଜା ସେଠୀ(୩୮) ଓ ଚିତ୍ତ ରଞ୍ଜନ ଦାସ(୩୭) । ସେମାନଙ୍କଠାରୁ ପୋଲିସ ୭୦ ବୋତଲ ଆଷ୍କା ଫର୍ଟି ଏବଂ ୧୦ ବୋତଲ ବିଦେଶୀ ମଦ ଜବତ କରିଛି। ଉଭୟ ଉପର ତେଲେଙ୍ଗା ବଜାର ଅଞ୍ଚଳରେ ବେଆଇନ ମଦ ବେପାର କରୁଥିବାନେଇ ଅଭିଯୋଗ ପାଇବା ପରେ ସନ୍ଧ୍ୟାରେ ପୋଲିସ ଚଢ଼ାଉ କରିଥିଲା। ଏନେଇ ସେମାନଙ୍କ ନାମରେ ଏକ୍ସାଇଜ ଆକ୍ଟରେ ପୁରୀଘାଟ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ ସୂଚନା ଦେଇଛନ୍ତି।

### ବୃଦ୍ଧଙ୍କ ଆତ୍ମହତ୍ୟା

**ଚୌଦ୍ୱାର,୨୩।୧୦(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ଖର୍ଦ୍ଦାସାହିର ତ୍ରୈଲୋକ୍ୟ ବେହେରା(୬୩) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ପାରିବାରିକ କଳହରୁ ତ୍ରୈଲୋକ୍ୟ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଚୌଦ୍ୱାର ଏଏସ୍‌ଆଇ ରାଧାକାନ୍ତ ସେଠୀ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ତ୍ରୈଲୋକ୍ୟ ଖାଇସାରି ଶୋଇବାକୁ ଯାଇଥିଲେ। ଅପରାହ୍ନରେ ଘରଲୋକେ ତାଙ୍କୁ ଡାକିବାକୁ ଯାଇ ସେ ରଶିରେ ଝୁଲି ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଖବରପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା(ନଂ. ୩୨/୧୮)ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଛି ।

### ୧୦ବର୍ଷ ଫେରାର ଥିବା ଅଭିଯୁକ୍ତ ଗିରଫ

**ଖୁଣ୍ଟୁଣୀ,୨୩।୧୦(ଡି.ଏନ୍.ଏ.)-** ଗୁରୁଡ଼ିଝାଟିଆ ଓ ଜଗତ୍‌ସିଂହପୁର ଥାନା ଅଞ୍ଚଳରେ ଦୀର୍ଘ ୧୦ବର୍ଷ ହେଲା ଫେରାର ଥିବା ଅଭିଯୁକ୍ତଙ୍କୁ ମଙ୍ଗଳବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସ୍ଥାନୀୟ ଥାନା ବାଲୀ ଗ୍ରାମର ରାଜୀବ ଲୋଚନ ଦାସ। ପ୍ରକାଶ ଯେ, ରାଜୀବ ଦଶହରାରେ ଚାନ୍ଦା ଆଦାୟକୁ ନେଇ ଗଣ୍ଡଗୋଳ କରିଥିବା ଏବଂ ଗତ ସେପ୍ଟେମ୍ବର ୧୮ରେ ଗୁରୁଡିଝାଟିଆ କୋ-ଅପରେଟିଭ ସୋସାଇଟିର ସଭାପତି ରତ୍ନାକର ପାତ୍ର(କାଳିଆ)ଙ୍କୁ ହତ୍ୟା ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା ବୋଲି ଥାନାଧିକାରୀ ବିଜୟ କୁମାର ବିସି କହିଛନ୍ତି। ସେହିପରି ଗତ ୨୦୦୮ ଓ ୨୦୧୧ରେ ଜଗତ୍‌ସିଂହପୁର ଥାନା ଅଞ୍ଚଳରେ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ କରିଥିବା ନେଇ ୧୮ରୁ ଉର୍ଦ୍ଧ୍ୱ ଆପରାଧିକ ମାମଲା କୋର୍ଟରେ ବିଚାରାଧୀନ ଅଛି । ଗତ ମାସରେ ରାଜୀବ ନାମରେ ୱାରେଣ୍ଟ ଆସିବା ପରେ ଥାନାଧିକାରୀ ବିସି ତାଙ୍କୁ ଗିରଫ କରିଥିବା ପ୍ରକାଶ କରିଛନ୍ତି । ଗୁରୁଡିଝାଟିଆ ଥାନାରେ ନଂ ୭୫/୧୮ ଓ ୯୮/୧୮ରେ ଦୁଇଟି ମାମଲା ଚାଲିଛି ।

### ସାମାଜିକ କର୍ମୀ ସୁଦର୍ଶନ ମହାପାତ୍ରଙ୍କ ପରଲୋକ

**କଟକ ଅଫିସ୍, ୨୩।୧୦-** ସ୍ୱେଚ୍ଛାସେବୀ ସଙ୍ଗଠନ ତ୍ରିଧାରର ପ୍ରତିଷ୍ଠାତା ତଥା ସାମାଜିକ କର୍ମୀ ସୁଦର୍ଶନ ମହାପାତ୍ର(୭୮)ଙ୍କ ମଙ୍ଗଳବାର କଟକର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ସେ ହୃଦ୍‌ଘାତର ଶିକାର ହୋଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ରଞ୍ଜନ ମହାପତ୍ର ମୁଖାଗ୍ନି ଦେଇଥିଲେ। ସୁଦର୍ଶନଙ୍କ ମୃତ୍ୟୁରେ ଜଷ୍ଟିସ୍ ଏଏସ୍ ନାଇଡୁ, ଦୀପକ ମହାନ୍ତି, ପୂର୍ବତନ ଡିଜିପି ବିପିନ ବିହାରୀ ମିଶ୍ର, ଗୋପାଳ ଚନ୍ଦ୍ର ଧଳ, ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା, ଡ. କୈଳାଶ ମହାପାତ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ୧୪ ବର୍ଷ ପରେ ବି ଆରମ୍ଭ ହେଲାନି ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ପ୍ରକଳ୍ପ

- ଅଧିକାଂଶ ପ୍ରକଳ୍ପ ଅଧାପନ୍ତରିଆ
- ରିପୋର୍ଟ ମାଗିଲା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ
- ପଦାକୁ ଆସିଲା ବିଭାଗୀୟ ବିଫଳତା

**କଟକ ଅଫିସ, ୨୩।୧୦**

ଆଉ ମାତ୍ର କେଇଟା ମାସ ପରେ ହେବ ସାଧାରଣ ନିର୍ବାଚନ। ଏହାପୂର୍ବରୁ ଏବେ ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟକ୍ରମ ଜୋର୍‌ସୋର୍‌ରେ ଚାଲିଛି। ଇତିମଧ୍ୟରେ କଟକ ଜିଲାରେ ବହୁ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ବିଗତ ଦୁଇ ସାଧାରଣ ନିର୍ବାଚନ ପୂର୍ବରୁ ମଧ୍ୟ ଏପରି ଶିଳାନ୍ୟାସ ହୋଇଥିଲା। ହେଲେ ୧୪ବର୍ଷ ତଳେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ଏକାଧିକ ପ୍ରକଳ୍ପ ଆରମ୍ଭ ହୋଇ ନ ଥିବାବେଳେ ଅଧିକାଂଶ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏହାକୁ ନେଇ ଏବେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କଟକ ଜିଲାପାଳଙ୍କୁ ଚିଠି କରାଯାଇଛି। ୨୦୦୪ରୁ ୨୦୧୬ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିବା ୬୭ ପ୍ରକଳ୍ପର ବାସ୍ତବ ସ୍ଥିତି ସଂକ୍ରାନ୍ତ ରିପୋର୍ଟ ମଗାଯାଇଛି। ପ୍ରକଳ୍ପଗୁଡିକ କେବେ ପୂର୍ଣ୍ଣାଙ୍ଗ ହେବ ତାହା ସ୍ଥିର କରି ଜଣାଇବା ପାଇଁ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଚିଠି ପହଞ୍ଚିବା ପରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ସମ୍ପୃକ୍ତ ବିଭାଗଗୁଡିକଠାରୁ ରିପୋର୍ଟ ଚାହିଁଛନ୍ତି। ୭ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନାନୁସାରେ, ୨୦୦୪ରେ କଟକ ଜିଲାରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ବହୁ କୋଟି ଟଙ୍କାର ୭ ପ୍ରକଳ୍ପ ଏଭଳି ସ୍ଥିତିରେ ରହିଛି। ଉକ୍ତ ବର୍ଷ ଜାନୁୟାରୀ ୧୩ରେ କାଠଯୋଡ଼ି ନଦୀର କୁନ୍ଦିମୁହାଣ ନିକଟରେ ଏକ ସେତୁର ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ। ଏହି ସେତୁର ଆପ୍ରୋଚ ରୋଡ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ତାହା ଲୋକଙ୍କ ସେବାରେ ଲାଗିପାରି ନାହିଁ। ଫେବୃୟାରୀ ୧୦ରେ କଟକ ବକ୍ସିବଜାର ନିକଟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ ଦେଇଥିଲେ। ଏହି ପ୍ରକଳ୍ପର କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇନାହିଁ। ପ୍ରକଳ୍ପ ଆରମ୍ଭ ହେବାକୁ ଆଉ ୬ମାସ ସମୟ ଲାଗିବ ବୋଲି କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଜଣାଇଛନ୍ତି। ସେହିପରି ଉକ୍ତଦିନ ସିଡିଏ ସେକ୍ଟର-୧୩ ନିକଟରେ ଏକ ବସ୍‌ଷ୍ଟାଣ୍ଡ ଓ କତ୍ରାପାଳ ନିକଟରେ ମଧ୍ୟମ ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ କରିଥିଲେ। ବସ୍‌ଷ୍ଟାଣ୍ଡର କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇ ନ ଥିବାବେଳେ ଜମି ପାଇଁ ଅଟକି ରହିଛି ଜଳସେଚନ ପ୍ରକଳ୍ପ କାର୍ଯ୍ୟ। ସେହିପରି ଚୌଦ୍ୱାର ନିକଟରେ ଏକ ଗେଷ୍ଟ ହାଉସର ଶିଳାନ୍ୟାସ କରିଥିଲେ ମୁଖ୍ୟମନ୍ତ୍ରୀ । ମାତ୍ର ଅର୍ଥାଭାବରୁ ଏହି କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଗୃହ ଓ ନଗର ଉନ୍ନୟନ ବିଭାଗର ରିପୋର୍ଟରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଚୌଦ୍ୱାର ଗାନ୍ଧୀଛକ ନିକଟରେ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇ ନ ଥିବା ଜଣାପଡିଛି।

୨୦୦୬ରେ ନରସିଂହପୁର ବ୍ଲକର ନାରାୟଣପୁର ନିକଟରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ହାଡୁଆ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାବେଳେ ବ୍ରଜବିହାରୀପୁର ନିକଟରେ ଥିବା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ଅର୍ଥାଭାବରୁ ଅଧା ରହିଛି। ସେହିପରି କଟକ ସହରରେ ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳନ୍ୟାସ କରିଥିଲେ ମଧ୍ୟ ଏଯାଏ ଜମି ଯୋଗାଇ ଦିଆଯାଇନି। ଏହିପରି ୨୦୧୬ ମସିହା ମଧ୍ୟରେ ମୁଖ୍ୟମନ୍ତ୍ରୀ ଜିଲାର ବିଭିନ୍ନ ସ୍ଥାନରେ ୬୭ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏସବୁ ପ୍ରକଳ୍ପଗୁଡିକ ଆରମ୍ଭ ନ ହେବା ବା ଅଧାପନ୍ତରିଆ ରହିବା ପଛରେ ପ୍ରଶାସନିକ ଉଦାସୀନତା ଓ ବିଭାଗୀୟ ବିଫଳତାକୁ ଦାୟୀ କରାଯାଉଛି। ଅନ୍ୟପକ୍ଷରେ ପ୍ରକଳ୍ପକୁ ନେଇ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ପ୍ରଶାସନ ପକ୍ଷରୁ ଅନେକ କ୍ଷେତ୍ରରେ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି। ଉଦାହରଣ ସ୍ୱରୂପ, ୫ ମହଲା ବିଶିଷ୍ଟ ଆଚାର୍ଯ୍ୟ ହରିହର କ୍ୟାନ୍‌ସର ହସ୍ପିଟାଲର ଲିନାକ ବିଲ୍‌ଡିଂର ୧ ମହଲା କାର୍ଯ୍ୟକୁ ଶେଷ କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି। ବାକି ମହଲାଗୁଡିକ ଅଧାପନ୍ତରିଆ ହୋଇ ପଡିରହିଛି। ସେହିପରି କଟକ ସିଡିଏ ଅଞ୍ଚଳକୁ ବିଶୁଦ୍ଧ ଜଳଯୋଗାଣ ପାଇଁ ମୁଖ୍ୟମନ୍ତ୍ରୀ ୨୦୧୩ରୁ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ ମଧ୍ୟ ତାହା ଶେଷ ହୋଇନାହିଁ। ଅନୁରୂପଭାବେ ବାଙ୍କୀରେ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ, ନରସିଂହପୁରରେ ଦକ୍ଷତା ବିକାଶ କେନ୍ଦ୍ର ଓ ସର୍ବୋପରି ଜାଇକା ପ୍ରକଳ୍ପ କାର୍ଯ୍ୟରେ ମଧ୍ୟ ଅନୁରୂପ ଅବସ୍ଥା ଉପୁଜିଛି। ଏ ସମ୍ପର୍କରେ ଜିଲାପାଳ ଅଗ୍ରୱାଲଙ୍କୁ ପଚାରିବାରୁ ବିଭାଗୀୟ ଅଧିକାରୀମାନଙ୍କଠାରୁ ରିପୋର୍ଟ ମଗାଯାଇଥିବା କହିଛନ୍ତି।



କାର୍ଡିଓ ପଲ୍‌ମନାରି ରିସସିଟେଶନ ଟ୍ରେନିଂରେ ଅଂଶଗ୍ରହଣ କରିଥିବା ପୋଲିସ କର୍ମଚାରୀମାନେ।

## ଏସ୍‌ସିବିରେ ପିସିଆର୍, ଟ୍ରାଫିକ୍ ପୋଲିସଙ୍କୁ ସିପିଆର୍ ଟ୍ରେନିଂ

**କଟକ ଅଫିସ୍, ୨୩।୧୦-** ଏସ୍‌ସିବି ମେଡିକାଲରେ ମଙ୍ଗଳବାର ପିସିଆରରେ ରହୁଥିବା ପୋଲିସ କର୍ମଚାରୀ ଏବଂ ଟ୍ରାଫିକ ପୋଲିସ କର୍ମଚାରୀଙ୍କୁ କାର୍ଡିଓ ପଲ୍‌ମନାରି ରିସସିଟେଶନ (ସିପିଆର) ଟ୍ରେନିଂ ଦିଆଯାଇଛି। କମିଶନରେଟ ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ କଟକର ୧୨୦ ଜଣ ପୋଲିସ କର୍ମଚାରୀ ଟ୍ରେନିଂ ନେଇଥିଲେ। ଦୁର୍ଘଟଣା ପରେ ଆହତ ବ୍ୟକ୍ତିଙ୍କୁ କିପରି ବଞ୍ଚାଇ ହେବ ତାହା ଉପରେ ଏସ୍‌ସିବିର ଏକ ଡାକ୍ତରୀ ଦଳ ଶିକ୍ଷା ଦେଇଥିଲେ। ବିଶେଷକରି ଦୁର୍ଘଟଣା ପରେ ହୃଦ୍‌ଘାତରେ ଅଧିକ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥାଏ। ଏକ୍ଷେତ୍ରରେ କିପରି ତୁରନ୍ତ ଉପଚାର ମାଧ୍ୟମରେ ସେମାନଙ୍କ ଜୀବନକୁ ରକ୍ଷା କରିହେବ ତାହାର ସ୍ୱତନ୍ତ୍ର ପ୍ରଶିକ୍ଷଣ ନେଇଥିଲେ। କାର୍ଯ୍ୟକ୍ରମରେ ଡସିପି ଅଖିଳେଶ୍ୱର ସିଂଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଯୋଗ ଦେଇଥିଲେ।

## ପିଡବ୍ଲୁଏସ୍‌ର ୨୭ତମ ବାର୍ଷିକୋତ୍ସବ



ଅତିଥିମାନେ ମୁଖପତ୍ର 'ସଂଜୀବନ'କୁ ଉନ୍ମୋଚନ କରୁଛନ୍ତି।

**ଚୌଦ୍ୱାର,୨୩।୧୦(ଡି.ଏନ୍.ଏ.):** ପବ୍ଲିକ୍ ୱେଲଫେୟାର ସୋସାଇଟି (ପିଡବ୍ଲୁଏସ୍)ର ୨୭ତମ ବାର୍ଷିକୋତ୍ସବ ସ୍ଥାନୀୟ ମ୍ୟୁନିସିପାଲ ଟାଉନ୍ ହଲରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପିଡବ୍ଲୁଏସ୍‌ର ସଭାପତି ବିଷ୍ଣୁ ଚରଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଅତିଥିଭାବେ ଯୋଗଦେଇ ସାହିତ୍ୟ ବିନା ସମାଜ ଗଠନ ପ୍ରକ୍ରିୟା ଅଧା ରହିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବ ଭାରତ କିନ୍ନର ସଂଘର ମହା ମଣ୍ଡଳାଧୀଶ ତଥା ସାମାଜିକ କର୍ମୀ ମୀରା ପରିଡ଼ା, ସାହିତ୍ୟକାର ଡ. ଦେବାଶିଷ ପାତ୍ର, ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ସଂଜୀବନକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ ଓ ଅଜିତ୍ କୁମାର ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତାପାଠ ଉତ୍ସବରେ ଶତାଧିକ କବି ସ୍ୱରଚିତ କବିତାପାଠ କରିଥିଲେ। ସଦସ୍ୟ ପଞ୍ଚାନନ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପସଭାପତି ବିକ୍ରମ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଶିବ ଶଙ୍କର ସାହୁ, ଜ୍ୟୋତି ଶଙ୍କର ମିଶ୍ର, ସୁକାନ୍ତ ତରାଇ, ସୁବାସ ଚନ୍ଦ୍ର ମହାରଣା, ରାଜକିଶୋର ସାହୁପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାଇନ ଫ୍ଲୁ ସଚେତନତା କାର୍ଯ୍ୟକ୍ରମ

**କଟକ ସଦର,୨୩।୧୦(ଡି.ଏନ୍.ଏ.)**

ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମଙ୍ଗଳବାର କଟକ ସଦର ବ୍ଲକ ଅଧୀନ ରଘୁନାଥପୁର(ଜେନା ସାହି)ରେ ସ୍ୱାଇନ ଫ୍ଲୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡା. ସଞ୍ଜୀବ ମହାନ୍ତିଙ୍କ ନେତୃତ୍ୱରେ ପାରାମେଡିକାଲ ଷ୍ଟାଫ୍‌ମାନେ ରୋଗର ଲକ୍ଷଣ, ନିରାକରଣ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଗତ ୨୦ତାରିଖରେ ଏହି ସାହିର ସୁଶାନ୍ତ କୁମାର ଜେନା(୫୪)ଙ୍କ ସ୍ୱାଇନ ଫ୍ଲୁରେ ପୀଡିତ ହୋଇ କଟକ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ତେବେ ମୃତକଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କୁ ସଚେତନତା କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଡା. ମହାନ୍ତି କହିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବି.ଇ.ଇ. ସୁଷମା ସ୍ୱାଇଁ, ସୁପରଭାଇଜର ସନ୍ଧ୍ୟାରାଣୀ ଦାସ ଓ ନିଗମାନନ୍ଦ ମହାନ୍ତି, ସ୍ୱାସ୍ଥ୍ୟକର୍ମୀ ରଞ୍ଜିତା ସ୍ୱାଇଁ ଏବଂ ଅଶୋକ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଜିଲାପାଳଙ୍କ ସମୀକ୍ଷା ବୈଠକ

**କଟକ ସଦର,୨୩।୧୦(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ଆୟତପୁର ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଜିଲାପାଳ ଅରବିନ୍ଦ ଅଗ୍ରୱାଲ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଭୋଟର ତାଲିକା ସଂଶୋଧନ, ଭତ୍ତା ବଣ୍ଟନ, ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଅର୍ଥ ବ୍ୟୟ ସମ୍ପର୍କରେ ବ୍ଲକର ଯନ୍ତ୍ରୀମାନଙ୍କଠାରୁ ପଚାରି ବୁଝିଥିଲେ। ଶୁକ ପାଇକା ନଦୀରେ ପଞ୍ଚାୟତ ପୋଖରୀ ଖୋଳାକୁ ନେଇ ଉପୁଜିଥିବା ବିବାଦ ସମ୍ପର୍କରେ ବୁଝିବାପରେ ମାପଚୁପ କରି ବିଲ୍ ପୈଠ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ମହାନ୍ତି, ବିଡିଓ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୫୯ ଜଣଙ୍କୁ ଖାଉଟି କାର୍ଡ ବଣ୍ଟନ

**ଫୁଲନଖରା,୨୩।୧୦(ଡି.ଏନ୍.ଏ.)** କଟକ ମହାନଗର ନିଗମ ୫୯ନଂ ୱାର୍ଡର ୫୯ଜଣଙ୍କୁ ମଙ୍ଗଳବାର ସ୍ଥାନୀୟ କର୍ପୋରେଟର ପ୍ରମୋଦ କୁମାର ମହାପାତ୍ର ବର୍ମକୁଦସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଖାଉଟି କାର୍ଡ ବଣ୍ଟନ କରଛନ୍ତି। ଏଥିରେ ସିଏମସିର ଗୋଷ୍ଠୀ ଅଧିକାରୀ ସୁନୀତା ସାହୁ, ୱାର୍ଡ ସଭାପତି ନୃସିଂହ ଚରଣ ସାହୁ, ଜବିର ସା ଅତିଥି ଭାବେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଆଉ ୧୦୦ଜଣଙ୍କୁ କାର୍ଡ ବଣ୍ଟନ କରାଯିବ ବୋଲି କର୍ପୋରେଟର ମହାପାତ୍ର କହିଥିଲେ।

## ଡକାୟତି ରୋକିବାକୁ ପୋଲିସର ମକ୍‌ଡ୍ରିଲ୍



ଭାରତୀୟ ଷ୍ଟେଟବ୍ୟାଙ୍କ ପକ୍ଷରୁ ହୋଇଥିବା ମକ୍‌ଡ୍ରିଲ।

**କଟକ ଅଫିସ୍, ୨୩।୧୦**

ରାଜ୍ୟରେ ବ୍ୟାଙ୍କ୍ ଡକାୟତି ବୃଦ୍ଧି ପାଉଛି। ଏହାକୁ ରୋକିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ମଙ୍ଗଳବାର ମକ୍ ଡ୍ରିଲ କରାଯାଇଥିଲା। ମଙ୍ଗଳବାର ଲାଲବାଗ୍ ଥାନା ଅନ୍ତର୍ଗତ ହାଇକୋର୍ଟ ସମ୍ମୁଖରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କରେ ମକ ଡ୍ରିଲ୍‌ରେ ଥାନା ଅଧିକାରୀ ବିଶ୍ୱଜିତ୍ ମହାନ୍ତିଙ୍କ ସମେତ ଅନ୍ୟ ପୋଲିସ ଅଫିସର ଓ କର୍ମଚାରୀ ସାମିଲ ଥିଲେ। ଡକାୟତି ରୋକାଯିବା ସହ ଡକାୟତମାନଙ୍କୁ କିପରି କାବୁ କରାଯାଇ ପାରିବ ତାହା ଉପରେ ମକ୍ ଡ୍ରିଲ କରାଯାଇଥିଲା। ଏଥିରେ ୪ ଜଣ ପୋଲିସ କର୍ମଚାରୀ ଡକାୟତ ବେଶରେ ବ୍ୟାଙ୍କ ଭିତରକୁ ପଶି ଡକାୟତି ଉଦ୍ୟମ କରିଥିଲେ। ବ୍ୟାଙ୍କର କର୍ମଚାରୀମାନେ ପ୍ରଥମେ ଭୟଭୀତ ହୋଇପଡିବା ସହ ତୁରନ୍ତ ପୋଲିସକୁ ଜଣାଇଥିଲେ। ପରେ ପୋଲିସ ପହଞ୍ଚି ସେମାନଙ୍କୁ କାବୁ କରିଥିଲା। ଏହା ଏକ ମକ୍‌ଡ୍ରିଲ୍ ଥିବା ଜାଣିବା ପରେ ବ୍ୟାଙ୍କ୍ କର୍ମଚାରୀ ଓ ଗ୍ରାହକମାନେ ଆଶ୍ୱସ୍ତ ହୋଇଥିଲେ। ମକ୍‌ଡ୍ରିଲ୍‌ବେଳେ ବ୍ୟାଙ୍କ୍ ପରିସର ଲୋକାରଣ୍ୟ ହୋଇପଡିଥିଲା।

## ଦିବ୍ୟାଙ୍ଗଙ୍କ ମୁହଁରେ ହସ ଫୁଟାଇଲେ ଅଭିନେତ୍ରୀ ବର୍ଷା



କୁମାର ପୂର୍ଣ୍ଣିମା ଉପଲକ୍ଷେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଜଣେ ଝିଅଙ୍କୁ ସଜାଉଛନ୍ତି।

**କଟକ ଅଫିସ, ୨୩।୧୦**

ସମ୍ମାନିତ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଚୌଧୁରୀ ବଜାରଠାରେ କୁମାର ପୂର୍ଣ୍ଣିମା ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଟିକିଫୁଲ ଆମେ'ର ଆୟୋଜନ କରାଯାଇଥିଲା। ଏଥିରେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଯୋଗଦେଇ ଉପସ୍ଥିତ ଦିବ୍ୟାଙ୍ଗ ପିଲାଙ୍କ ସହ ବହୁ ସମୟ କଟାଇଥିଲେ। ସେମାନଙ୍କୁ ଅଳତା ଲଗାଇ ସଜାଇ ଦେବା ସହ ସେମାନଙ୍କ ମୁହଁରେ କୁମାର ପୂର୍ଣ୍ଣିମାର ଖୁସି ଭରି ଦେଇଥିଲେ। ଚାନ୍ଦ ଚକଟା ଦେବା ସହ ଚାନ୍ଦ ପୂଜା କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଭେଟେରାନ ଅଭିନେତ୍ରୀ ଦୀପା ସାହୁ, କର୍ପୋରେଟର ରଞ୍ଜନ ବିଶ୍ୱାଳ ଏବଂ ସମ୍ମାନିତା ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

- ହାତରେ ଅସ୍ୱାଭାବିକ ଭାବେ ବଢ଼ୁଥିଲା ମାଂସ

## ଆଇସିୟୁରୁ ବାହାରିଲେ ମିତା

**କଟକ ଅଫିସ, ୨୩।୧୦**

ରାୟଗଡା ଜିଲା ପେରୁପାଙ୍ଗ ଗ୍ରାମର ଯୁବତୀ ମିତା ଶବରଙ୍କ ହାତରେ ବଢୁଥିବା ମାଂସର ଦ୍ୱିତୀୟ ଅସ୍ତ୍ରୋପଚାର ସଫଳ ହୋଇଛି। ୧୦ଦିନ ତଳେ ଏସ୍‌ସିବି ମେଡିକାଲ ପ୍ଲାଷ୍ଟିକ ସର୍ଜରୀ ବିଭାଗର ପ୍ରଫେସର ଡା. ଅନ୍ନଦା ପଟ୍ଟନାୟକ ଓ ସହଯୋଗୀ ପ୍ରଫେସର ଡା. ବିଭୂତି ନାୟକ ମିତାଙ୍କ ଅପରେଶନ କରିଥିଲେ। ଅପରେଶନ ପରେ ମିତାଙ୍କୁ ସେଣ୍ଟ୍ରାଲ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ମିତା ଆଇସିୟୁରୁ ବାହାରିବା ପରେ ଡାକ୍ତରଙ୍କ ସହିତ ଭଲଭାବେ କଥାବାର୍ତ୍ତା କରିବା ସହିତ ସୁସ୍ଥ ଅନୁଭବ କରୁଥିବା କହିଛନ୍ତି। ତେବେ ମିତାଙ୍କର ଆଉ ଅପରେଶନର ଆବଶ୍ୟକତା ନାହିଁ। ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବେ ଓ ୮ଦିନ ପରେ ସେ ଗାଁକୁ ଫେରିଯିବେ। ମାତ୍ର ଫଲୋଅପ୍ ଚିକିତ୍ସା ପାଇଁ ତାଙ୍କୁ ଏସସିବି ଆସିବାକୁ ପଡିବ ବୋଲି ପ୍ରଫେସର ପଟ୍ଟନାୟକ କହିଛନ୍ତି।

ସୂଚନା ଥାଉକି, ମିତାଙ୍କ ହାତରେ ଅସ୍ୱାଭାବିକ ଭାବେ ମାଂସ ବଢୁଥିଲା। ୨ମାସ ତଳେ ମିତା ଏସ୍‌ସିବି ମେଡିକାଲକୁ ଆସି ପ୍ଲାଷ୍ଟିକସର୍ଜରୀ ବିଭାଗରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ପରୀକ୍ଷା ନିରୀକ୍ଷା ପରେ ମିତାଙ୍କ ରୋଗ ଚିହ୍ନଟ ହୋଇଥିଲା। ଏହି ରୋଗକୁ ପ୍ଲେକ୍ସିଫର୍ମ ନ୍ୟୁରୋଫିବୋର୍ମା କୁହାଯାଏ। ବଢ଼ିଥିବା ୧୫କେଜି ଓଜନର ମାଂସକୁ ଦୁଇଟି ପର୍ଯ୍ୟାୟରେ ଅପରେଶନ କରିବାକୁ ଡାକ୍ତର ସ୍ଥିର କରିଥିଲେ। ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସକେ) ଓ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି (ଓଏସଟିଏଫ)ରୁ ମିତାଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ ଆର୍‌ବିଏସକେ ପରିଚାଳକ ସତ୍ୟ ନାରାୟଣ ତ୍ରିପାଠୀ। ମେଡିକାଲରେ ଭର୍ତ୍ତି ହେବାର ୧୫ଦିନ ପରେ ମିତାଙ୍କ ହାତରେ ପ୍ରଥମ ପର୍ଯ୍ୟାୟ ଅପରେଶନ କରାଯାଇଥିଲା।

## କଟକ ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକ

**ବାରଙ୍ଗ,୨୩।୧୦(ଡି.ଏନ୍.ଏ.)** କଟକ ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକ ସୋମବାର ବାରଙ୍ଗସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଚୌଧୁରୀ ହେମନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ସମ୍ପାଦକ ଦିଲୀପ ମଲ୍ଲିକ, ଉପସଭାପତି ନୟନ କିଶୋର ମହାନ୍ତି, କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ହୃଷୀକେଶ ଜେନା, ପୂର୍ବତନ ମନ୍ତ୍ରୀ ସମୀର ଦେ ପ୍ରମୁଖ ଯୋଗଦେଇଥିଲେ। ପାନୀୟ ଜଳ, ପାଇଖାନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗ୍ରାମ୍ୟରାସ୍ତା, ରାଶନ କାର୍ଡ ସହ ଚିଟ୍‌ଫଣ୍ଡ ଦୁର୍ନୀତି ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଆସନ୍ତା ଡିସେମ୍ବର ମାସରେ ନିର୍ବାଚନ ମଣ୍ଡଳୀ ସ୍ତରରେ ପଦଯାତ୍ରା କରି ଜନସଚେତନତା ସୃଷ୍ଟି କରିବାକୁ ନିଷ୍ପତ୍ତି ହୋଇଥିଲେ। ଏହି କାର୍ଯ୍ୟକାରିଣୀ ବୈଠକରେ ବାରଙ୍ଗ ମଣ୍ଡଳ ସଭାପତି ପ୍ରଭାସ ରାଉତ, ପ୍ରକାଶ ବେହେରା, ଦେବୀ ପ୍ରସାଦ ମହାନ୍ତି, ସିଦ୍ଧେଶ୍ୱର ପାଇକରାୟଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

- ନାମଲେଖାରେ ଅନିୟମିତତା ଅଭିଯୋଗ

## ବାଣୀବିହାର ଲ କଲେଜ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟ(ବାଣୀବିହାର) ଲ କଲେଜରେ ପ୍ରଥମ ବର୍ଷ ନାମ ଲେଖାରେ ଅନିୟମିତତା ହୋଇଥିବା କେତେଜଣ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ସେମାନେ ମଙ୍ଗଳବାର କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସମ୍ପୃକ୍ତ ଛାତ୍ରୀଛାତ୍ର କହିଛନ୍ତି ଯେ, ଆଇନ ପାଠ୍ୟକ୍ରମର ପ୍ରଥମ ବର୍ଷରେ ନାମଲେଖା ପାଇଁ ଅପେକ୍ଷାରତ ଛାତ୍ରୀଛାତ୍ରଙ୍କୁ ୨୨ ଓ ୨୩ ତାରିଖରେ ଡକାଯାଇଥିଲା। କିନ୍ତୁ ଏହା ଦଶହରା ଛୁଟି ମଧ୍ୟରେ ଆସୁଥିବାରୁ ରାଜ୍ୟର ସମସ୍ତ ସ୍କୁଲ କଲେଜ ବନ୍ଦ ରହିଛି। ଫଳରେ ଛାତ୍ରୀଛାତ୍ରମାନେ ଏନ୍‌ଓସି ଓ ସିଏଲ୍‌ସି ଆଣିବାରେ ବିଫଳ ହେଉଛନ୍ତି। କିନ୍ତୁ କଲେଜ କର୍ତ୍ତୃପକ୍ଷ ସିଏଲସି ଓ ଏନଓସି ବିନା ଅନେକ ଛାତ୍ରୀଛାତ୍ରଙ୍କ ନାମ ଲେଖାଇଛନ୍ତି। ଏ ନେଇ ଛାତ୍ରୀଛାତ୍ରମାନେ କଲେଜ ଅଧ୍ୟକ୍ଷଙ୍କୁ ଭେଟିବାରୁ ସେ କହିଛନ୍ତି ଯେ, ବିନା ଏନ୍‌ଓସି ଓ ସିଏଲ୍‌ସିରେ ନାମ ଲେଖାଯାଇ ପାରିବ। ଛାତ୍ରୀଛାତ୍ରମାନେ ସତ୍ୟପାଠ ଦାଖଲ କରି କଲେଜ ଖୋଲିବା ପରେ ସେମାନେ ଦେଇଥିବା ନିର୍ଦ୍ଦିଷ୍ଟ ତାରିଖରେ ତାହାକୁ ଦାଖଲ କରିବେ। ମାତ୍ର ଅନେକ ଛାତ୍ରୀଛାତ୍ର ସିଏଲ୍‌ସି ଓ ଏନ୍‌ଓସି ବିନା ନାମ ଲେଖାଇବାରେ ବିଫଳ ହୋଇଛନ୍ତି। ଏହା ପ୍ରତିବାଦରେ ସେମାନେ କଲେଜ ସମ୍ମୁଖରେ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କଲେଜ କର୍ତ୍ତୃପକ୍ଷ ଦଶହରା ଛୁଟି ପରେ ନାମଲେଖା ପାଇଁ ଏକ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରିବାକୁ ସେମାନେ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୪ ଅକ୍ଟୋବର,୨୦୧୮



ଯେତେବେଳେ ମଣିଷ ନୈରାଶ୍ୟର ଶେଷ ସୀମାରେ ପହଞ୍ଚିଯାଏ,
ସେତେବେଳେ ତା'ଠାରେ ଅଦ୍ଭୁତ ଶକ୍ତିର ପ୍ରକାଶ ଘଟିଥାଏ।
-ଫ୍ରାଙ୍କ୍‌ଲିନ୍



## ସଂକ୍ଷେପରେ

### ବେଆଇନ ଖଣି ଖନନର ପ୍ରତିବାଦ



**ଖୋର୍ଦ୍ଧାଅଫିସ,୨୩।୧୦:** ଖୋର୍ଦ୍ଧା ତହସିଲର ଜଗନ୍ନାଥପୁର ଓ ଦୁର୍ଗାପ୍ରସାଦ ଗ୍ରାମବାସୀ ବେଆଇନ ଖଣି ଖନନ ବନ୍ଦ କରିବାରେ ହସ୍ତକ୍ଷେପ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଉପଜିଲାପାଳଙ୍କୁ ଭେଟି ମଙ୍ଗଳବାର ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁସାରେ, ଗ୍ରାମବାସୀଙ୍କ ଅକ୍ତିଆରରେ ଥିବା ସରକାରୀ ଜମିରେ ଗାଁର ଜଣେ ଲୋକ, କେତେଜଣ ଅସାମାଜିକ ଲୋକଙ୍କ ସହାୟତାରେ ବେଆଇନ ଭାବେ ମାଙ୍କଡା ପଥର ଖନନ ପାୱାରଟିଲର ଯୋଗେ କରୁଛନ୍ତି। ଯଦ୍ୱାରା ଗାଁଲୋକ ଯାତାୟାତରେ ହଇରାଣ ହେବା ଆରମ୍ଭ କଲେଣି। ଗାଁଲୋକଙ୍କ ବାରମ୍ବାର ବାରଣ ସତ୍ତ୍ୱେ ସମ୍ପୃକ୍ତ ଲୋକ ଗାଁରେ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି କରି ଚାଲିଛନ୍ତି। ଏଥିରେ ଲଗାମ ଦେବାକୁ ଜିଲାପାଳଙ୍କୁ ଦାବିପତ୍ର ଉଲ୍ଲେଖ କରାଯାଇଛି।

### ଉଠିବ ସାଇନ୍-ଏ-ଡାଏ

**ନିରାକାରପୁର,୨୩।୧୦ (ଡି.ଏନ୍.ଏ.)** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରୁ ସାଇନ୍-ଏ-ଡାଏ ଉଠିବା ନେଇ ମଙ୍ଗଳବାର ନିଷ୍ପତ୍ତି ହୋଇଛି। ଚଳିତମାସ ୨୫ରୁ ମହାବିଦ୍ୟାଳୟ ଖୋଲିବା ସହ ଶିକ୍ଷାଦାନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ନିୟମିତ ଭାବେ ଆରମ୍ଭ ହେବ ବୋଲି ଅଧ୍ୟକ୍ଷ ପ୍ରଫେସର ଆଶୋକ ବଳବନ୍ତରାୟ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଛାତ୍ର ସଂସଦ ନିର୍ବାଚନକୁ ନେଇ ଉପୁଜିଥିବା ବିଶୃଙ୍ଖଳା ଓ ୨ ଗୋଷ୍ଠୀ ମଧ୍ୟରେ ମାରପିଟ୍‌କୁ ନେଇ ଅକ୍ଟୋବର ୫ରେ ଅଧ୍ୟାପନା ପରିଷଦର ନିଷ୍ପତ୍ତିକ୍ରମେ ମହାବିଦ୍ୟାଳୟକୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସାଇନ୍-ଏ-ଡାଏ କରାଯାଇଥିଲା ।

### ଭାଜପାରେ ମିଶିଲେ ଶତାଧିକ ବିଜେଡି କର୍ମୀ

**କୃଷ୍ଣପ୍ରସାଦ,୨୩।୧୦(ଡି.ଏନ.ଏ.)** ପୁରୀ ଜିଲା କୃଷ୍ଣପ୍ରସାଦ ଭାଜପା ତରଫରୁ ଦଳର ମିଶ୍ରଣ ପର୍ବ ବୁଦ୍ଧିବର ପଞ୍ଚାୟତ ଅନ୍ତର୍ଗତ ମା' ନଟା ମଙ୍ଗଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି । ମଙ୍ଗଳବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ଭାଜପା ନେତା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଲଳିତେନ୍ଦୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବରିଷ୍ଠ ନେତା ଦୀନବନ୍ଧୁ ଜେନା, ସମିତି ସଭ୍ୟ ଉତ୍ତମ କୁମାର ତରେଇ(ବୁଲୁ), ମିଡିଆସେଲ୍ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ସଂଯୋଜକ ସୁରେନ୍ଦ୍ର କୁମାର ବିଶ୍ୱାଳ, ଅନିଲ କୁମାର ସେଠ୍, ଯୁବନେତା ଦେବାଶିଷ ଜଗଦ୍ଦେବ ନାୟକ ପ୍ରମୁଖ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିବା ଜଣାପଡିଛି। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଦଳକୁ ସୁଦୃଢ଼ କରିବା ନିମନ୍ତେ ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ମିଶ୍ରଣ ପର୍ବରେ ଯୋଗଦେଇଥିଲେ । ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, କୁମାର ସିଂହ, ପ୍ରମୋଦ କୁମାର ବିଶ୍ୱାଳ ଓ ନାଲୁ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

■ ବଞ୍ଚିଛି ପରମ୍ପରା: ଆଦିବାସୀଙ୍କ ଗଣପର୍ବ ଢଣ କୋଇଲା

# ଫୁଲବରଣ ଶେଷ, ଶକ୍ତି ପରୀକ୍ଷାକୁ ଅପେକ୍ଷା

**ବେଗୁନିଆ,୨୩।୧୦ (ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳର ପୁରପଲ୍ଲୀରେ ଏବେବି ବହୁ ପର୍ବପର୍ବାଣି ବଞ୍ଚି ରହିଛି। ସେଥିମଧ୍ୟରୁ ଆଦିବାସୀଙ୍କ ମହାନ ଗଣପର୍ବ 'ଢ଼ଣ କୋଇଲା' ଅନ୍ୟତମ। ଆଶ୍ୱିନ ମାସ ବିଜୟା ଦଶମୀ ତିଥି ଆସିଲେ ଏହି ପରମ୍ପରାରେ ଆଦିବାସୀମାନେ ବିଭିନ୍ନ ଶକ୍ତି ପୂଜାର୍ଚ୍ଚନା କରିଥାନ୍ତି। ଭାଇଚାରା ସୃଷ୍ଟି ସହ ପୁଣ୍ୟ ମିଳେ ବୋଲି ସେମାନଙ୍କ ମନରେ ବିଶ୍ୱାସ ରହିଛି। ଏହିକ୍ରମରେ ଉତ୍ସବ ଲାଗି ଫୁଲ ବରଣ ଶେଷ ହୋଇଥିବା ବେଳେ ଶକ୍ତି ପରୀକ୍ଷାକୁ ଅପେକ୍ଷା କରାଯାଇଛି। ସାହିର ଜଣେ ବ୍ୟକ୍ତିଙ୍କ କାନ୍ଥରେ କୋଠି ତିଆରି କରାଯାଇ ସେଥିରେ ୩୩ କୋଟି ଦେବଦେବୀ ଫଟୋଚିତ୍ର କରାଯାଇ ସେମାନଙ୍କୁ ଆବାହନ କରାଯାଇଥାଏ।

ବହୁ କାଳରୁ ଆଦିବାସୀମାନେ ଏହି ଗଣପର୍ବକୁ ବିଭିନ୍ନ ଢଙ୍ଗରେ ପାଳନ କରି ଆସୁଥିବା କୁହାଯାଏ। ହେଲେ ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପ୍ରତିବର୍ଷ ଭଳି ଚଳିତବର୍ଷ ବିଜୟାଦଶମୀଠାରୁ ଆରମ୍ଭ ହୋଇଛି ଢଣ କୋଇଲା ପର୍ବ। ମାତ୍ର ଏହି ପର୍ବକୁ ପୂର୍ବ କାଳରେ କେଉଁଠି ୭, ୧୪ ଏବଂ ୨୧ ଦିନ ଧରି ପାଳନ କରାଯାଉଥିଲା। ହେଲେ ଏବେ ଯୁଗ ବଦଳି ଯିବା ସାଙ୍ଗକୁ ଏହି ପର୍ବର ମହକ କମିଯାଇଛି। ସୋମବାର ଫୁଲବରଣ ଶେଷ ହୋଇଛି କୁମାର ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏହା ଚାଲିବ। ତେବେ ଶକ୍ତି ପରୀକ୍ଷାକୁ ଅପେକ୍ଷା କରାଯାଉଛି। ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ପର୍ବ ପାଳନ ହେଉଥିବାବେଳେ ପରିଛଳ, ବଡ଼ବେରଣା ଓ ଗୋବିନ୍ଦପୁର ଗ୍ରାମରେ ଧୁମ୍‌ଧାମରେ ଏହା ପାଳନ କରାଯାଉଛି। ପରମ୍ପରା ଅନୁଯାୟୀ, ଗୋବିନ୍ଦପୁର ଗ୍ରାମର ବାସ୍ତବ ତଥ୍ୟ ଆଧାରରେ ଆଦିବାସୀ ସାହିର ବହୁ ବ୍ୟକ୍ତି ମାସେ ପୂର୍ବରୁ ହବିଷ ଅନ୍ନ ଖାଇ ଉପବାସ ରହିଥାନ୍ତି। ସୋମବାରଠାରୁ ଆରମ୍ଭ ହୋଇଛି ସେମାନଙ୍କର ଜଳଯାତ୍ରା ଓ ବେଲ ଅଧିବାସ। ଅପରାହ୍ନରେ ଗ୍ରାମର ପଶ୍ଚିମ ମୁଣ୍ଡରେ ଥିବା ନାଗବନ୍ଧରେ ସମସ୍ତ ସାହିବାସୀ ଏକତ୍ରିତ ହେବା ପରେ ବନ୍ଧ ହୁଡ଼ାରେ ରୀତିନୀତି ଅନୁସାରେ ପୂଜାପାଠ କରାଯାଇଥିଲା। ବନ୍ଧ ପାଣିରେ ଥିବା ଯେଉଁ ଧଳା କଇଁଫୁଲଟି ଦୋହଲିଥିଲା ସେହିଫୁଲକୁ ଦୁବ, କ୍ଷୀର ଓ ଅରୁଆ ଚାଉଳ ଦେଇ ବରଣ କରାଯାଇଥିଲା। ଏହାକୁ କୁହାଯାଏ ଫୁଲ ବରଣ। ଘଣ୍ଟ, ଘଣ୍ଟି ଖୋଳ ତାଳରେ କମ୍ପି ଉଠିଥିଲା ବନ୍ଧ କୂଳ। ସେଠାରେ ଗ୍ରାମର ଜଣେ ବ୍ୟକ୍ତିଙ୍କଠାରେ କାଳେସୀ ବିଜେ ହୋଇଥିଲେ। କାଳେସୀ ଉକ୍ତ ଫୁଲବରଣକୁ ଘଟକୁ ମୁଣ୍ଡାଇ ସାହିକୁ ଆସିଥିଲେ। ଉପବାସ ରହିଥିବା ବ୍ୟକ୍ତିମାନେ ମଧ୍ୟ କଳସ ମୁଣ୍ଡାଇ ସାହି ପରିକ୍ରମା କରିଥିଲେ। ପରେ ସାହିସ୍ଥିତ ମା' ମଙ୍ଗଳାଙ୍କ କୋଠିରେ ଫୁଲବରଣ ଘଟକୁ ସ୍ଥାପନ କରି ପୂଜାପାଠ କରାଯାଉଛି। ନିକଟସ୍ଥ କରଡ଼ଗାଡ଼ିଆ ଗ୍ରାମରୁ ଚିତ୍ରକର ଡ଼କାଯାଇ ଉକ୍ତ କୋଠିରେ ୩୩ କୋଟି ଦେବଦେବୀଙ୍କ ଚିତ୍ର ଅଙ୍କାଯାଇଛି। ପରେ ୩ ଦିନ ଧରି ସନ୍ଧ୍ୟାରେ ଗୀତା ପାଠ କରାଯିବ। ଢୋଲ ତାଳ ଓ ଘଣ୍ଟ ଧ୍ୱନିର ତାଳେ ତାଳେ କାଳିଶି ବିଜେ ହୋଇବେ। ମଙ୍ଗଳବାର ରାତି ୧୦ଟା ବେଳକୁ ବରଣ ହୋଇଥିବା କଇଁଫୁଲ ଫୁଟିଲା ପରେ କାଳିଶି ବେତମାଡ଼ରେ ଉପବାସ ପାଳିଥିବା ଭକ୍ତମାନେ ଶୂନଭଙ୍ଗା, ମୁଠି ଓ କରାଠି ଆଦି ବିଭିନ୍ନ ଖେଳ ପ୍ରଦର୍ଶନ କରିବେ। ସେହିପରି ଝାମୁ ଚାଲିବା ସହ ଶରୀରରେ ବିଛୁଆଟି ବୋଳି ହେବେ, କଣ୍ଟାରେ ଗଡ଼ିବା ଆଦି ବିଭିନ୍ନ ଶକ୍ତି ପରୀକ୍ଷା ପ୍ରଦର୍ଶନ କରାଯିବ। ଦିନରେ ଯାଦୁଖେଳ ପ୍ରଦର୍ଶନ ଏବଂ ରାତିରେ ଯାତ୍ରାପାର୍ଟିର ମଜା ଏହି ପର୍ବକୁ ଆହୁରି ଉତ୍ସବ ମୁଖର କରିଦିଏ। ୩ଦିନ ଧରି ସାହିର ଘରେଘରେ ପିଠାପଣା ହୁଏ। ଶେଷରେ ମା' ମଙ୍ଗଳାଙ୍କ କୋଠିରେ ସାହିର ସମସ୍ତ ଭକ୍ତମାନେ ଏକତ୍ର ପ୍ରସାଦ ସେବନ କରି ଭାଇଚାରାର ଭାବନା ଦେଖାଇଥାନ୍ତି।

### କୋଠିରେ ପୂଜା ପାଆନ୍ତି ୩୩ କୋଟି ଦେବଦେବୀ



କୋଠିରେ ଅଙ୍କାଯାଇଥିବା ୩୩ କୋଟି ଦେବଦେବୀଙ୍କ ଫଟୋଚିତ୍ର।

■ ଜିଲା ପରିଷଦର ସାଧାରଣ ବୈଠକ

# ନିର୍ବାହୀଯନ୍ତ୍ରୀଙ୍କ ଉପରେ ବର୍ଷିଲେ ବେଗୁନିଆ ବିଧାୟକ

### ୫୨ଟି ଶିଶୁ ଯୌନ ନିର୍ଯାତନା ମକଦ୍ଦମା

**ଖୋର୍ଦ୍ଧା ଅଫିସ,୨୩।୧୦:**

ଖୋର୍ଦ୍ଧା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସମ୍ମିଳନୀ କକ୍ଷରେ ଜିଲା ପରିଷଦର ସ୍ୱତନ୍ତ୍ର ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅର୍ଥମନ୍ତ୍ରୀ ତଥା ଅବକାରୀ ମନ୍ତ୍ରୀ ଶଶି ଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦେବ ଆରଡି ନିର୍ବାହୀଯନ୍ତ୍ରୀଙ୍କ ଉପରେ ବର୍ଷିଥିଲେ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା କାମ ନିମ୍ନମାନର, ଅବଧି ଚାଲି ଯାଉଥିଲେ ମଧ୍ୟ କାମ ସରୁନି, ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ ନ ହେବା ପରି କିଛି କାରଣକୁ ନେଇ ବିଧାୟକ ଟିପ୍ପଣୀ ଦେଇଥିଲେ। ବେଗୁନିଆ ବିଧାୟକ ପ୍ରାୟ ଅଧ ଘଣ୍ଟାଏ ଧରି ସମୟ ନେଇଥିବାରୁ ସମୟ ଅପଚୟ ଦର୍ଶାଇ ଜଣେ ଭାଜପା ବିଧାୟକ ଗୃହ ଛାଡି ଚାଲିଯିବାକୁ ବାହାରି ଥିଲେ। ଅନ୍ୟପକ୍ଷେ ଯେଉଁ ଠିକାଦାରମାନେ ରାସ୍ତା କାମ କରିବାରେ ଅବହେଳା କରୁଛନ୍ତି ସେମାନଙ୍କୁ କଳା ତାଲିକା ଭୁକ୍ତ କରିବାକୁ ମତ ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟକାରୀ ହେବାକୁ ଥିବା ରାସ୍ତା ଓ ବିଭିନ୍ନ ରାସ୍ତାର ଉନ୍ନତୀକରଣ ତଥା ସଂଯୋଗୀକରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଅପରପକ୍ଷେ ଜିଲାର ୫ ଜଣ ପିଲାଙ୍କୁ ଭାରତ ବାହାରେ ଛଡାଯାଇଛି। ସେହିପରି ଜିଲାରେ ଜାନୁୟାରୀରୁ ଅକ୍ଟୋବର ପର୍ଯ୍ୟନ୍ତ ୭୫ ଟି ଅପହରଣ କେସ୍ ରୁଜୁ ଓ ୫୨ ଗୋଟି ଶିଶୁ ଯୌନ ନିର୍ଯାତନା ପଞ୍ଜୀକରଣ ହୋଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୃହରେ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ, ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ, ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦେବ, ଚିଲିକା ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ, ଜିଲା ପରିଷଦ ସଭ୍ୟ, ବ୍ଲକ ଅଧ୍ୟକ୍ଷମାନେ ଯୋଗ ଦେଇଥିଲେ।

# ହଠାତ୍ ସମ୍ବର୍ଦ୍ଧିତ ପାଇଁ ଦିଆଗଲା ସୂଚନା

### ମୁଁ ହିରୋ କାର୍ଯ୍ୟକ୍ରମ

**ଖୋର୍ଦ୍ଧାଅଫିସ,୨୩।୧୦:**

ଖୋର୍ଦ୍ଧା ବ୍ଲକ ଓ ମ୍ୟୁନିସିପାଲିଟି ସ୍ତରୀୟ ମୁଁ ହିରୋ କାର୍ଯ୍ୟକ୍ରମ ଖୋର୍ଦ୍ଧା ସହରର ପଲଟନ ପଡିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ, ଜିଲା ପରିଷଦ ଚେୟାରମ୍ୟାନ ପ୍ରଫୁଲ୍ଲ ଦଳେଇ, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ, ଖୋର୍ଦ୍ଧା ବ୍ଲକ ଭାଇସ୍ ଚେୟାରମ୍ୟାନ ପ୍ରମୁଖ ଯୋଗ ଦେଇଥିଲେ। ଖୋର୍ଦ୍ଧା ବ୍ଲକ ଓ ମ୍ୟୁନିସିପାଲିଟିରୁ ଆସିଥିବା ପ୍ରତିଭାମାନେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ପାରଦର୍ଶିତାକୁ ମଞ୍ଚ ଉପରେ ଉପସ୍ଥାପନ କରିଥିଲେ। ଅନ୍ୟପକ୍ଷେ ଜିଲା ପାଇଁ ଚୟନ ହୋଇଥିବା ୫ ଜଣ ଆଇକନଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯିବାକୁ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ଚୟନ ହୋଇଥିବା ଆଇକନମାନଙ୍କୁ ତରବରିଆ ଭାବେ ମଙ୍ଗଳବାର ସୂଚନା ଦିଆଯିବାରୁ ବେଗୁନିଆର ଜଣେ ଅନୁପସ୍ଥିତ ରହିଗଲେ। ତେବେ ୪ ଜଣ ସମ୍ବର୍ଦ୍ଧିତ ହୋଇଛନ୍ତି। ଅନ୍ୟପକ୍ଷେ ଜିଲା ଆଇକନମାନଙ୍କୁ ସମ୍ବର୍ଦ୍ଧିତ କରାଯିବାବେଳେ ଜିଲାପାଳ ଓ ନୋଡାଲ ଅଫିସର, ଜିଲା କ୍ରୀଡା ଅଧିକାରୀଙ୍କ ସମେତ ବିଭାଗ ସହ ସମ୍ପୃକ୍ତି ଥିବା ସରକାରୀ କର୍ମଚାରୀ ଉପସ୍ଥିତ ରହିବାକୁ ନିୟମ ରହିଛି। ହେଲେ ଜିଲାପାଳ, ଜିଲା କ୍ରୀଡା ଅଧିକାରୀଙ୍କୁ ଦେଖିବାକୁ ମିଳି ନ ଥିଲା। କେତେଜଣ ଜିଲା ଆଇକନଙ୍କ ସୂଚନା ଅନୁସାରେ, ତରବରିଆ ଭାବେ ଜିଲା କ୍ରୀଡା ଅଧିକାରୀ ମଙ୍ଗଳବାର ସୂଚନା ଦେଇଥିଲେ। ଯାହାକି ଆସିବା କଷ୍ଟକର ଥିଲା। କଳା, କ୍ରୀଡା, ସାମାଜିକ କାର୍ଯ୍ୟ, ପରିବେଶ, ନାଚ, ଗୀତ ଆଦି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଯୁବ ପ୍ରତିଭାଙ୍କୁ ଉତ୍ସାହିତ କରିବା ଲାଗି ସରକାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନେ ସମ୍ବର୍ଦ୍ଧିତ ହେବାକୁ କିଛିମାସ ତଳେ ଫର୍ମ ଦ୍ୱାରା ଆବେଦନ କରିଥିଲେ। ଏହାର ଯାଞ୍ଚ କରି ୫ ଜଣଙ୍କୁ ଜିଲା ଆଇକନ ବଛା ଯାଇଥିଲା।

### ଅସନ୍ତୋଷ ବ୍ୟକ୍ତ କଲେ ବିଧାୟକ

ଖୋର୍ଦ୍ଧା ବ୍ଲକ ଓ ମ୍ୟୁନିସିପାଲିଟିର ବିଜୁ ଯୁବ ବାହିନୀରେ ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଯୁବକଙ୍କ ନାଁ ପଞ୍ଜୀକୃତ ହୋଇଛି। ତେବେ ସଭାବେଳେ ଚୌକି ଖାଲିଥିବାରୁ ବିଜୁ ଯୁବ ବାହିନୀର ବ୍ଲକ ଓ ଜିଲା ସଂଯୋଜକଙ୍କ ଉପରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଅସନ୍ତୋଷ ପ୍ରକାଶ କରିଥିଲେ। ଠିକ୍ ସୂଚନା ଦିଆଯାଇ ନ ଥିବାରୁ କାର୍ଯ୍ୟକ୍ରମରେ ବିଜୁ ଯୁବବାହିନୀର ସଦସ୍ୟମାନେ ଯୋଗ ଦେଇପାରିଲେ ନାହିଁ ବୋଲି ବିଧାୟକ ସାହୁ ଅରୋପ ଲଗାଇଛନ୍ତି।

### ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରତିଷ୍ଠା

**ନିରାକାରପୁର,୨୩।୧୦(ଡି.ଏନ୍.ଏ.)** ଲେଣ୍ଡୋ ପଞ୍ଚାୟତ ଗୋପୀନାଥପୁର ସାହିରେ ଥିବା ନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଦୀର୍ଘଦିନ ହେଲା ଭଗ୍ନ ଅବସ୍ଥାରେ ମନ୍ଦିରଟି ଥିବାବେଳେ ମଙ୍ଗଳବାର ଗ୍ରାମବାସୀଙ୍କ ଉଦ୍ୟମରେ ଏହା ସମ୍ପୂର୍ଣ୍ଣ ହୋଇଛି। ଶତାଧିକ ମହିଳାପୁରୁଷ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଉତ୍ସବରେ ଜିତେନ୍ଦ୍ର ପ୍ରଧାନ, ଅମିନ ମହାରଣା, ମହେନ୍ଦ୍ର ବିଶ୍ୱାଳ ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ଖୋର୍ଦ୍ଧା ଲିଗ୍ ଫୁଟବଲ: କେରଙ୍ଗ କୁମ୍ଭିଲୋ ମ୍ୟାଚ୍ ଡ୍ର

**ଖୋର୍ଦ୍ଧା ଅଫିସ,୨୩।୧୦:** ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମଠାରେ ଚାଲିଥିବା ଖୋର୍ଦ୍ଧା ଲିଗ୍ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚ୍ ଡ୍ର ରହିଛି। ଖେଳ ଆରମ୍ଭର ୧୦ତମ ମିନିଟ୍‌ରେ କେରଙ୍ଗ ଅହମ୍ମଦିଆ କ୍ଲବର ଶେଖ୍ ଇଫିକ୍ ଗୋଟିଏ ଗୋଲ ସ୍କୋର କରିଥିଲେ। ୨ୟାର୍ଦ୍ଧରେ କୁମ୍ଭିଲୋ ବାବା ବୁଢ଼ା ଗୋସାଇଁ ଫୁଟବଲ ଦଳ ପକ୍ଷରୁ ଅଜୟ ନାୟକ ଗୋଲ ସ୍କୋର କରି ଖେଳକୁ ବରାବର ସ୍ଥିତିକୁ ଆଣିଥିଲେ। ମ୍ୟାଚ ଡ୍ର ରହିବାରୁ ଉଭୟ ୧ ପଏଣ୍ଟ ଲେଖାଏ ପାଇଛନ୍ତି। ମନୋରଞ୍ଜନ ଖୁଣ୍ଟିଆ ଖେଳ ପରିଚାଳନା କରିଥିବାବେଳେ ଉପେନ୍ଦ୍ରନାଥ ଦାସ, ମନୋରଞ୍ଜନ ଦାସ, ଦିଲୀପ କର ସହଯୋଗ କରିଥିଲେ।

■ପୋଲିସ ଅଧିକାରୀଙ୍କ ଅଶାଳୀନ ବ୍ୟବହାର ଅଭିଯୋଗ

# ଜନସାଧାରଣ ଘେରିଲେ ଫାଣ୍ଡି



ମହିଳା ପୁରୁଷମାନେ ଫାଣ୍ଡି ଘେରାଉ କରିଛନ୍ତି।

**କୃଷ୍ଣପ୍ରସାଦ,୨୩।୧୦(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଧୀନ ମାଲୁଦ ଫାଣ୍ଡି ଅଧିକାରୀ ଜନସାଧାରଣଙ୍କୁ ଅଶାଳୀନ ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ଫାଣ୍ଡି ପରିସରରେ ପୋଲିସ ଅଧିକାରୀଙ୍କ ଏଭଳି ବ୍ୟବହାରକୁ ନେଇ ଜନସାଧାରଣ ଫାଣ୍ଡି ଘେରିଥିବା ଜଣାପଡିଛି। ଖବରରୁ ପ୍ରକାଶ ଯେ, କିଛିଦିନ ପୂର୍ବେ ମାଲୁଦ ଫାଣ୍ଡି ଅଧିକାରୀ ଭାବେ ବିଜୟ କୁମାର ମହାପାତ୍ର ଯୋଗଦେଇଥିଲେ । ତେବେ ବିଶେଷ ଭାବେ ଏଠାରେ ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧିନେଇ ସ୍ଥାନୀୟ ଲୋକେ ପୋଲିସକୁ ଦାୟୀ କରିଥିଲେ। ଏଭଳି ଘଟଣାକୁ ବିରୋଧ କରି ୯ ନମ୍ବର ଜିଲା ପରିଷଦ ସଭ୍ୟା ପ୍ରଭାତି ପ୍ରଧାନ ଏବଂ ଯୁବ ସାମାଜିକ କର୍ମୀ ଅଭିମନ୍ୟୁ ଦାସଙ୍କ ନେତୃତ୍ୱରେ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଏକ ରାଲିରେ ସେପ୍ଟେମ୍ବର ୨୯ରେ ଫାଣ୍ଡିକୁ ଘେରାଉ କରିଥିଲେ । ଘଟଣାସ୍ଥଳରେ ଥାନା ଆରକ୍ଷୀ ନିରୀକ୍ଷକ ଦିଲୀପ କୁମାର ସ୍ୱାଇଁ ପହଞ୍ଚି ବୁଝାଶୁଝା କରିବା ପରେ ସମସ୍ୟାର ସମାଧାନ ହୋଇଥିଲା । ତେବେ ସୋମବାର ଜନୈକ ଅଭିଯୋଗକାରୀ ସମସ୍ୟା ନେଇ ଫାଣ୍ଡି ଅଧିକାରୀଙ୍କୁ ଭେଟିଥିଲେ । ଏ ସମୟରେ ଫାଣ୍ଡି ଅଧିକାରୀ ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଅଞ୍ଚଳବାସୀଙ୍କ ପ୍ରତି ଅଶାଳୀନ ଭାଷା ପ୍ରୟୋଗ କରିଥିବା ଅଭିଯୋଗ ହୋଇଥିଲା । ଏ ଘଟଣା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଞ୍ଚଳବାସୀ କୃଷ୍ଣପ୍ରସାଦ ଥାନା, ପୁରୀ ଆରକ୍ଷୀ ଅଧୀକ୍ଷକ ଓ ଏସ୍‌ଡିପିଓଙ୍କୁ ଫୋନ୍ ଯୋଗେ ଏ ବିଷୟରେ ଅବଗତ କରିଥିଲେ । ଜିଲା ଅଧିକାରୀ ଆସିବା ପର୍ଯ୍ୟନ୍ତ ଉତ୍ତେଜିତ ଜନସାଧାରଣ ଫାଣ୍ଡି ଅଧିକାରୀଙ୍କୁ ଘେରି ରଖିଥିଲେ । ଫାଣ୍ଡି ଅଫିସରଙ୍କୁ ନିଲମ୍ବିତ କରିବା ପାଇଁ ଜନସାଧାରଣ ଜିଦ୍ ଧରି ବସିଥିଲେ । ପୁରୀ ଏସ୍‌ଡିପିଓ ସୁଶିଲ ମିଶ୍ର ଘଟଣା ସ୍ଥଳରେ ପହଞ୍ଚି ମହାପାତ୍ରଙ୍କୁ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ଆଣିବା ପରେ ପରିସ୍ଥିତି ଶାନ୍ତ ପଡ଼ିଛି। ତେବେ ମାଲୁଦ ଫାଣ୍ଡିରେ ଏ ପର୍ଯ୍ୟନ୍ତ କୌଣସି ଅଧିକାରୀ ଯୋଗଦେଇ ନ ଥିବା ଜଣାପଡ଼ିଛି।

# ସିରିଜ୍ ଦୁର୍ଘଟଣା: ୨ ଆହତ

### ବାଇକ୍, କାର, ବସକୁ ଧକ୍କା ଦେଲା ଟ୍ରକ

**ଖୋର୍ଦ୍ଧା ଅଫିସ,୨୨।୧୦**

କଲିକତା-ଚେନ୍ନାଇ ୧୬ ନଂ. ଜାତୀୟ ରାଜପଥର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଅଞ୍ଚଳରେ ମଙ୍ଗଳବାର ରାତି ପ୍ରାୟ ୧୦ଟା୪୫ରେ ସିରିଜ୍ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ବାଇକ୍, କାର ଓ ବସକୁ ଧକ୍କା ଦେଇଛି ଟ୍ରକ। ଏଥିରେ ଟ୍ରକ ଚାଳକ ଓ ବାଇକ୍ ଚାଳକ ଆହତ ହୋଇଛନ୍ତି। ଆହତ ଦ୍ୱୟଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କାରଟି ବେଶି କ୍ଷତିଗ୍ରସ୍ତ ହୋଇଛି। ମିଳିଥିବା ସୂଚନା ଅନୁସାରେ, ଏକ ପଥର ବୋଝେଇ ଟ୍ରକ ଖୋର୍ଦ୍ଧାରୁ ୧୬ ନଂ. ଜାତୀୟ ରାଜପଥକୁ ଯାଉଥିଲା। ଟ୍ରକଟି ଭାରସାମ୍ୟ ହରାଇ ପ୍ରଥମେ କାରକୁ ଧକ୍କା ଦେଇଥିଲା। ତେବେ ବାଇକ୍ ଚାଳକ ଦୁର୍ଘଟଣାରୁ ବର୍ତ୍ତି ଯାଇ ରାସ୍ତା କଡରେ ପଡି ଆହତ ହୋଇଥିଲେ। ପରେ ଟ୍ରକଟି କାରକୁ ଧକ୍କା ଦେଇଥିଲା। ଶେଷରେ ଖଡିଆଳ ରୋଡ ଯାଉଥିବା ଏକ ବସକୁ ଅନୁରୂପ ଧକ୍କା ଦେଇଥିଲା।



ଦୁର୍ଘଟଣାରେ ଭାଙ୍ଗି ଯାଇଥିବା କାର।





ଟ୍ରକ୍ ବସ୍‌କୁ ଧକ୍କା ଦେଇଛି।

■ ୩୪ ମଣ୍ଡପରେ ହେବ ପୂଜା : ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ

# ଗଜଲକ୍ଷ୍ମୀଙ୍କ ଆଗମନକୁ ଅପେକ୍ଷା

**ଖୋର୍ଦ୍ଧା ଅଫିସ,୨୩।୧୦**

ବୁଧବାର କୁମାର ପୂର୍ଣ୍ଣିମା। ଖୋର୍ଦ୍ଧାବାସୀଙ୍କ ପ୍ରତୀକ୍ଷା ରହିଛି ଧନଧାନ୍ୟର ଦେବୀ ମା' ଗଜଲକ୍ଷ୍ମୀଙ୍କ ଆଗମନକୁ। ଏଥିପାଇଁ ସହର ପୂଜା କମିଟି କର୍ମକର୍ତ୍ତାଙ୍କ ଆଖିରେ ନିଦ ନାହିଁ। ଝିଲିମିଲି ଆଲୋକମାଳାରେ ଝଲସି ଉଠୁଛି ଐତିହାସିକ ସହର। ପୂଜାରେ ଶାନ୍ତିଶୃଙ୍ଖଳା ବଜାଇ ରଖିବା ଲାଗି ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ଆନୁସଙ୍ଗିକ ସମସ୍ତ ପଦକ୍ଷେପ ନିଆଯାଇଛି। ମୂର୍ତ୍ତି କାରିଗର, ପୂଜା କମିଟି କର୍ମକର୍ତ୍ତା ପୂଜା ପ୍ରସ୍ତୁତିରେ ସମସ୍ତେ ନିମଗ୍ନ। ସହରର ମାରୱାଡି ପଟିରେ ହେଉଥିବା ଗଜଲକ୍ଷ୍ମୀ ପୂଜା ସବୁଠାରୁ ପୁରାତନ। ଏଠାରେ ୧୯୫୦ ମସିହାରୁ ନୀରବଚ୍ଛିନ୍ନ ଭାବେ ପୂଜା ହୋଇଆସୁଛି। ମାରୱାଡି ସମ୍ପ୍ରଦାୟର ବ୍ୟବସାୟୀମାନେ ଏଠାରେ ପୂଜା ଆରମ୍ଭ କରିଥିଲେ। ଅନ୍ୟପକ୍ଷେ ପୁରୁଣା ବସଷ୍ଟାଣ୍ଡଠାରେ ନବଜ୍ୟୋତି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଆୟୋଜିତ ଗଜଲକ୍ଷ୍ମୀ ସହରର ୨ୟ ପୁରାତନ ପୂଜା ବୋଲି କୁହାଯାଏ। ୧୯୭୨ରୁ ଏଠାରେ ପୂଜା ହୋଇ ଆସୁଛି। ଚଳିତବର୍ଷ ସହରର ୩୪ ସ୍ଥାନରେ ଗଜଲକ୍ଷ୍ମୀ ମେଢ଼ ସ୍ଥାନ ପାଇବ।

### ୩୧ରେ ମିଳିତ ଭସାଣି

ମା' ଗଜଲକ୍ଷ୍ମୀଙ୍କ ପୂଜା ୨୪ ତାରିଖରୁ ଆରମ୍ଭ ହେବ। ୩୧ରେ ମିଳିତ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଭସାଣି ଦିନ ପ୍ରତ୍ୟେକ ପୂଜା କମିଟିର ମେଢଗୁଡିକ ସ୍ଥାନୀୟ ବିଜେବି ହାଇସ୍କୁଲ ପଡିଆରେ ଏକତ୍ରିତ ହେବେ। ମେଢଗୁଡିକ ବିଜେବି ହାଇସ୍କୁଲ ପଡିଆରେ ପହଞ୍ଚିବା ପରେ କ୍ରମାନୁସାରେ ନାମ ପଞ୍ଜୀକୃତ କରାଯିବ। ସେହି କ୍ରମରେ ପ୍ରଥମେ ପହଞ୍ଚିବା ମେଢ ପ୍ରଥମେ ଏବଂ ଶେଷରେ ଆସିଥିବା ମେଢ ପଛରେ ଭସାଣି ଉତ୍ସବରେ ପଡିଆରୁ ବାହାରିବେ। ସନ୍ଧ୍ୟା ୬ଟାରେ ମିଳିତ ଭାବେ ଭସାଣି ଶୋଭାଯାତ୍ରାରେ ବାହାରିବ। ମେଢଗୁଡିକ ବିଜେବି ହାଇସ୍କୁଲ ପଛପଟ ଏସ୍‌ପିଙ୍କ କାର୍ଯ୍ୟାଳୟ କଡ ଦେଇ ବାହାରି ସହର ପରିକ୍ରମା କରି ଅସ୍ଥାୟୀ ପୋଖରୀରେ ବିସର୍ଜନ ହେବେ ବୋଲି ଭସାଣି ଉତ୍ସବର ସଭାପତି ବିଧାୟକ ରାଜେନ୍ଦ୍ର ସାହୁ କହିଛନ୍ତି। ୨୦୦୬ ମସିହାରୁ ଆରମ୍ଭ ହୋଇଛି ମିଳିତ ଭସାଣି ଉତ୍ସବ। ପ୍ରଥମବର୍ଷ ମାତ୍ର ୧୯ଟି ମେଢ ଯୋଗ ଦେଇଥିବାବେଳେ ଚଳିତ ବର୍ଷ ଏହା ୩୪କୁ ବୃଦ୍ଧି ପାଇଛି ।



ଖୋର୍ଦ୍ଧା ସମବାୟ ଛକରେ ଗଜଲକ୍ଷ୍ମୀଙ୍କ ତୋରଣ।

### ପୁରସ୍କାର ବ୍ୟବସ୍ଥା

ଭସାଣି ଉତ୍ସବରେ ଏକତ୍ରିତ ହୋଇଥିବା ପୂଜା କମିଟିଗୁଡିକ ମଧ୍ୟରୁ ସର୍ବଶ୍ରେଷ୍ଠ ୩ଟି ପୂଜା କମିଟି ପକ୍ଷରୁ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ତିନିଟି ଟ୍ରଫି ପ୍ରଦାନ କରାଯିବ। ଶ୍ରେଷ୍ଠ ୩ ପୂଜା କମିଟି ଚୟନ ଲାଗି ଗଠନ କରାଯାଇଥିବା କମିଟି ଶ୍ରେଷ୍ଠ ମୃଣ୍ମୟୀ ମୂର୍ତ୍ତି ଓ ମେଢ, ଶ୍ରେଷ୍ଠ ଶୋଭାଯାତ୍ରା ଏବଂ ଶ୍ରେଷ୍ଠ ଶାନ୍ତିଶୃଙ୍ଖଳାକାରୀ ଦଳ ଚୟନ କରିବେ। ଚୟନ କମିଟି ସ୍ଥାନୀୟ ଟାଉନହଲଠାରେ ଏକ ମଞ୍ଚ ଉପରେ ବସି ସମସ୍ତ ମେଢର ଶୋଭାଯାତ୍ର ନିରୀକ୍ଷଣ କରିବାର ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ଭସାଣି ଦିନ ରାତି ୧୦ଟା ପୂର୍ବରୁ ଭସାଣି ଶେଷ କରିବାକୁ କୁହାଯାଇଛି। ଡିଜେର ସାଉଣ୍ଡ୍ ୬୫ ଡେସିବିଲରୁ ଅଧିକ ହେଲେ କାର୍ଯ୍ୟାନୁଷ୍ଠାନ ହେବ। ପୂଜା ଚାଲିଥିବା ଦିନଗୁଡିକରେ ମଦ ବିକ୍ରି ଉପରେ କଟକଣା ଜାରି କରାଯାଇଛି।

### ସୁରକ୍ଷା ବ୍ୟବସ୍ଥା

ଗଜଲକ୍ଷ୍ମୀ ପୂଜା ଓ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳା ବଜାଇ ରଖିବା ଲାଗି ଖୋର୍ଦ୍ଧା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି। ସହରର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ ସହ ମେଢର ଗୁରୁତ୍ୱକୁ ଉପଲବ୍ଧି କରି ପ୍ରତି ମେଢ ନିକଟରେ ୨ ଜଣ ପୋଲିସ କର୍ମଚାରୀ ମୁତୟନ କରାଯିବେ। ରାତ୍ରିକାଳୀନ ଏବଂ ହାଇୱେ ପାଟ୍ରୋଲିଂକୁ କଡାକଡି କରାଯିବ। ଯାନବାହନ ଯାଞ୍ଚକୁ ତ୍ୱରାନ୍ୱିତ କରାଯିବ। ପିସିଆର ଭ୍ୟାନ ଓ ମୋବାଇଲ ପାଟ୍ରୋଲିଂ ପ୍ରତି ମେଢ଼କୁ ପ୍ରତିଦିନ ଟଚ୍ କରିବେ। ଭସାଣି ଦିବସରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ସହରରେ ୩ ପ୍ଲାଟୁନ ଫୋର୍ସ ଏବଂ ପାଖାପାଖି ୪୦ ଜଣ ପୋଲିସ ଅଧିକାରୀ, ଆଇଆରବି ଫୋର୍ସ ନିୟୋଜିତ ହେବେ। ଟ୍ରାଫିକ ନିୟନ୍ତ୍ରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ଖୋର୍ଦ୍ଧା ଆଇଆଇସି ରଣଜିତ ସାହୁ କହିଛନ୍ତି।

